

Odia Daily

www.theutkalsamachar.com

ଉତ୍କଳ ସମାଚାର

ସର୍ବପୁରାତନ ଚେତନାରୁ ପ୍ରକାଶିତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 | Issue No:196 | 13 November 2026 (Friday) | Rourkela | Rs.2.00 | Page -1 | ୨୨ ବର୍ଷ | ସଂଖ୍ୟା:୧୯୬ | ୧୩ ନଭେମ୍ବର ୨୦୨୬ (ଶୁକ୍ରବାର) | ରାଉରକେଲା | ମୂଲ୍ୟ:ଟ.୨.୦୦ | ପୃଷ୍ଠା-୬

ମେଟଂ କଲେ ଚନ୍ଦ୍ରଶେଖର-ଅୱେସି

ଅଖିଳେଶ ଓ ମାୟାବତୀଙ୍କ ବଢ଼ିଲା ସମସ୍ୟା



ନୂଆଦିଲ୍ଲୀ,୧୨/୧୧: ୨୦୨୭ ଉତର ପ୍ରଦେଶ ବିଧାନସଭା ନିର୍ବାଚନର ରାଜନୈତିକ ଉତ୍ତପ୍ତତା ମଧ୍ୟରେ ନଜିରା ସାଂସଦ ଚନ୍ଦ୍ରଶେଖର ଆଜାଦ ଓ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଉଦ୍ଦିନ ଅୱେସି ଗୁରୁବାର ମେଟଂ ଘୋଷଣା କରି ହଇଚଇ ସୃଷ୍ଟି କରିଛନ୍ତି। ସେମାନଙ୍କ ମେଟଂର ନାମ 'ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା' ରହିଛି ଓ ଆଜାଦଙ୍କୁ ମେଟଂର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷଣା କରାଯାଇଛି। ଲକ୍ଷ୍ନୌରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ବୁଲ ନେତା ଏହି ଘୋଷଣା କରିଛନ୍ତି। ଆଜାଦ କହିଛନ୍ତି, ମେଟଂ ସମାଜବାଦୀ ପାର୍ଟି ଓ କଂଗ୍ରେସ ପରି ଅନ୍ୟ ବଳ ପାଇଁ ଖୋଲା ରହିଛି। ଯେଉଁମାନେ ବିଜେପିକୁ ଆଉ ଥରେ ରାଜ୍ୟରେ କ୍ଷମତାକୁ ଆସିବାକୁ ରୋକିବାକୁ ଚାହୁଁଥିବେ ସେମାନଙ୍କୁ ମେଟଂକୁ ସ୍ୱାଗତ। ତେବେ ଏହି ନୂତନ ରାଜନୈତିକ ସମୀକରଣ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଓ ମାୟାବତୀ ଉଭୟଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ନୂତନ ଦଳିତ-ମୁସଲିମ ମେଟଂ ସମାଜବାଦୀ ପାର୍ଟି ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ରାଜନୈତିକ ବିଶ୍ଳେଷଜ୍ଞଙ୍କ ମତରେ, ଅୱେସି-ଚନ୍ଦ୍ରଶେଖର ଯୋଡ଼ି ସମଗ୍ର ଉତର ପ୍ରଦେଶକୁ ପ୍ରଭାବିତ କରିପାରନ୍ତି। ମେଟଂ ଯୋଗୁ ଭୋଟ ବିଭାଜନ ଏକପ୍ରକାର ସୁନିଶ୍ଚିତ। ଏହି ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା କେତେ ସଫଳ ହେବ ତାହା ଦେଖିବା ଆକର୍ଷଣୀୟ ହେବ। ଗତ ଉତର ପ୍ରଦେଶ ବିଧାନସଭା ନିର୍ବାଚନର ଫଳାଫଳକୁ ଦେଖିଲେ, ଏଆଇଏମ୍‌ଆଇଏମ୍ ଅନେକ ଆସନରେ ନିର୍ବାଚନକୁ ପ୍ରଭାବିତ କରିପାରେ। ଏଆଇଏମ୍‌ଆଇଏମ୍ ସମାଜବାଦୀ ପାର୍ଟିକୁ ବିଶେଷ କ୍ଷତି ପହଞ୍ଚାଇପାରେ, ସେହିପରି ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (କାଶୀରାମ) ବିଏସପିର ପାରମ୍ପରିକ ଭୋଟ ବ୍ୟାଙ୍କକୁ ମଧ୍ୟ କ୍ଷତି ପହଞ୍ଚାଇପାରେ।

ଇରାନକୁ ଘାଇଲା କରିଛି ଆମେରିକା

ଟ୍ରମ୍ପ କହିଲେ, "ଏବେ କେବଳ ପୂର୍ଣ୍ଣ ବିଜୟକୁ ଅପେକ୍ଷା"



ନୂଆଦିଲ୍ଲୀ, ୧୨।୧୧: ଇରାନ ଯୁଦ୍ଧରେ ଆମେରିକାର ବିଜୟ ଘୋଷଣା କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ବୁଧବାର 'ଭେଟେରନ୍ସ ଡେ' ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ପ୍ରଥାର୍ଥ ବୋଲି ବର୍ଣ୍ଣାଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ, "ଆମେରିକା ଏହି ଯୁଦ୍ଧରେ ଜିତିସାରିଛି । ଏବେ କେବଳ ଏହା ସ୍ଥିର କରିବା ବାକି ଅଛି ଯେ, ଯୁଦ୍ଧଟି କେବେ ଶେଷ ହେବ । ଆମେରିକା ୯୩ ପ୍ରତିଶତ ଜିତିଛି, ବଙ୍ଗ ଏକ ପୂର୍ଣ୍ଣାଙ୍ଗ ବିଜୟ ହାସଲ କରିବାକୁ ଚାହିଁଛି ।" ଇରାନ ସହିତ ଚାଲିଥିବା ସଂଘର୍ଷ ପ୍ରସଙ୍ଗରେ ଟ୍ରମ୍ପ କହିଛନ୍ତି ଯେ, 'ଆମେରିକା କେବେବି ଇରାନ ବିରୋଧରେ ଯୁଦ୍ଧ ଆରମ୍ଭ କରି ନଥିଲା ବଙ୍ଗ ୧୯୭୯ ମସିହାରୁ ଇରାନ କ୍ରମାଗତ ଭାବେ ଆମେରିକା ବିରୋଧରେ ଯୁଦ୍ଧ ଜାରି ରଖିଛି । ଏହି ସମସ୍ୟାର ସମାଧାନ ବହୁ ପୂର୍ବରୁ ହେବା ଆବଶ୍ୟକ ଥିଲା ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ପ୍ରଶାସନ ଶେଷରେ ଇରାନକୁ ଜବ୍ଦ୍ଦ ଜବାବ ଦେଇଛି ଏବଂ ଆମେରିକା ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗ କରି ଏଥିରେ ବିଜୟୀ ହୋଇଛି । ଆମେରିକାର ଆକ୍ରମଣରେ ଇରାନକୁ ଏପରି ପ୍ରତିଷ୍ଠ କ୍ଷତି ସହିବାକୁ ପଡ଼ିଛି ଯେ, ପୁଣି ପୂର୍ବସ୍ଥିତିକୁ ଫେରିବା ପାଇଁ ସେମାନଙ୍କୁ ପ୍ରାୟ ୨୫ ବର୍ଷ ସମୟ ଲାଗିବ । ଟ୍ରମ୍ପ ଆଶା ପ୍ରକାଶ କରିଛନ୍ତି ଯେ, ଆଗକୁ ଆଉ ଇରାନର ଦୌଣସି ଅଂଶକୁ ନଷ୍ଟ କରିବାର ଆବଶ୍ୟକତା ପଡ଼ିବ ନାହିଁ ଏବଂ ଇରାନକୁ ଏବେ ନିଜ ଦେଶର ପୁନଃନିର୍ମାନ ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିବ । ସମାରୋହର ଆରମ୍ଭରେ ରାଷ୍ଟ୍ରପତି ଟ୍ରମ୍ପ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

'ଦେଶକୁ ବିକାଶ କରିବାର ଡେଡଲାଇନ ୨୦୪୭'-ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୨/୧୧:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିଲ୍ଲୀର ବିଜେପି ମୁଖ୍ୟାଳୟରେ ଦୀପାବଳି ମିଳନ ସମାରୋହରେ ସମ୍ବୋଧିତ କରିଛନ୍ତି । ଗଣମାଧ୍ୟମ କର୍ମଚାରୀଙ୍କୁ ଉଲ୍ଲେଖ କରି ସେ କହିଥିଲେ ଯେ ସେମାନଙ୍କ ଜୀବନ ସମୟସୀମା ଦ୍ୱାରା ପରିଚାଳିତ। ସେ ମନ୍ତବ୍ୟ ଦେଇଥିଲେ ଯେ ପୂର୍ବରୁ କୁହାଯାଇଥିଲା ଯେ ପ୍ରତ୍ୟେକ ଘରେ ଟ୍ରିକେଟ ବିଶେଷଜ୍ଞ ମିଳିଥାଏ। ଆଜି କୁହାଯାଏ ଯେ ପ୍ରତ୍ୟେକ ଖବରର ବିଶେଷଜ୍ଞ ପ୍ରତ୍ୟେକ ରାସ୍ତାରେ ମିଳିଥାଏ। ସେ ଦେଶବାସୀଙ୍କୁ ଦୀପାବଳି ଏବଂ ଛଟ୍ ରେ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଥିଲେ, "ଦୀପାବଳି ପର୍ବ ଏବେ ପରିଛି, ଏବଂ ଏବେ ଛଟ୍ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୁଁ ଆପଣମାନଙ୍କୁ ଏବଂ ଆପଣଙ୍କ ପରିବାରକୁ ଏହି ପର୍ବଗୁଡ଼ିକ ପାଇଁ ମୋର ଶୁଭକାମନା ଜଣାଉଛି।" ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଅଭିଭାଷଣରେ କହିଥିଲେ, "ମୁଁ ମନେ ରଖିଛି ଯେ ୧୯୯୦ ଦଶନ୍ଧର ପ୍ରାରମ୍ଭରେ, ମୁଁ ଦେଶ ବ୍ୟାପୀ ବୁଲିବି ପ୍ରମୁଖ ଯାତ୍ରାର ବ୍ୟବସ୍ଥା ପାଇଁ ବାୟା ଥିଲି। ଏହା ଏପରି ଏକ ସମୟ ଥିଲା ଯେତେବେଳେ ଏକ ପ୍ରେସ୍ ରିଲିଜ୍ ପଠାଇବା ପାଇଁ ମଧ୍ୟ ଏକ ଫ୍ୟାକ୍ସ ମେସିନ୍ ଖୋଜିବା ଜରୁରୀ ଥିଲା। ଏଠାରେ ଚୂତନ ପିଢ଼ିର ଅନେକ ସହକର୍ମୀ ଅଛନ୍ତି। କିନ୍ତୁ ଯେଉଁମାନେ ବୟସ୍କ ସେମାନେ ଜାଣନ୍ତି ଯେ ମୋର ଆପଣଙ୍କ ଦୁନିଆ ସହିତ ବହୁତ ଦିନ ଧରି ଘନିଷ୍ଠ ସମ୍ପର୍କ ରହିଛି।" ପ୍ରେସ୍ ରିଲିଜ୍ ଠାରୁ ଆରମ୍ଭ କରି ଇନଷ୍ଟା ରିଲ୍ ପର୍ଯ୍ୟନ୍ତ, ମୁଁ ଗଣମାଧ୍ୟମ ପାରମ୍ପରିକ କ୍ରିୟାର ଏକ ଯୁଗ ଦେଖିଛି। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ମୁଁ ଏଠାରେ ୧୧ ଅଶୋକା ରୋଡରେ ଗୋଟିଏ କୋଠରୀରେ ରହୁଥିଲି। ଗୋଟିଏ ବିନ, ସାମ୍ବାଦିକଙ୍କ ଏକ ବଡ଼ ହଠାତ୍ ମୋ କୋଠରୀ ଭିତରକୁ ଆସି ମୋତେ ମିଠା ଦେଇଥିଲେ। ଯେତେବେଳେ ମୁଁ ପଚାରିଲି ଜାହିଁକି, ଭାଇ ? ସେମାନେ କହିଲେ, 'ତୁମେ ଗୁଜରାଟ ଯାଉଛ, ତୁମେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛ।' ଯଦିଓ ବହୁତ କମ୍ ଲୋକ ଏହା ଜାଣିଥିଲେ, ସେମାନେ ଜାଣିଥିଲେ। ଯେତେବେଳେ ଲୋକମାନେ ରିପୋର୍ଟରଗୁଡ଼ିକୁ ସମ୍ମାନକ ହୋଇଯାଆନ୍ତି, ସେତେବେଳେ ଏକ ଗଣମାଧ୍ୟମ ହାଉସରେ ସେମାନଙ୍କର ଭୂମିକା ସ୍ୱାଭାବିକ ଭାବରେ ପରିବର୍ତ୍ତନ ହୁଏ। ସରକାରରେ ଯୋଗଦେବା ପରେ, ମୋର ବାୟିତ୍ୱ ମଧ୍ୟ ସମାନ ଭାବରେ ବଢିଛି। ସମାରୋହରେ, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଗତ ମାସରେ ସରକାର ମୁଖ୍ୟ ଭାବରେ ୨୫ ବର୍ଷ ପୂରଣ ହୋଇଛି।

ବଙ୍ଗୋପାସଗରରେ ବଳ ଗୋଟାଉଛି ଘୂର୍ଣ୍ଣିବଳୟ

୧୬ରେ ଗଭୀର ଅବପାତ !

ଭୁବନେଶ୍ୱର,୧୨/୧୧(ନି/ପ): ବଙ୍ଗୋପାସାଗର ଏବଂ ଏହାର ସଂଲଗ୍ନ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତୀ ଅଞ୍ଚଳରେ 'ଘୂର୍ଣ୍ଣିବଳୟ' ସକ୍ରିୟ ରହିଛି । ଏହା ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ଦକ୍ଷିଣ ପୂର୍ବ ବଙ୍ଗୋପସାଗର ନିକଟବର୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସହିତ ୧୪ ରେ 'ସୁତୀବ୍ର ଲଘୁଚାପ କ୍ଷେତ୍ର', ୧୫ ରେ 'ଅବପାତ' ଏବଂ ୧୬ ରେ 'ଗଭୀର ଅବପାତ' ରେ ପରିଣତ ହେବାର ସମ୍ଭାବନା ରହିଛି । ତେବେ ନଭେମ୍ବର ୧୬ ତାରିଖ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହିତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ, ଏହି ସମ୍ଭାବ୍ୟ ପାଣିପାଗ ପରିବର୍ତ୍ତନର ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ିବାର ଆଶଙ୍କା ଜମ୍ ରହିଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ୧୮ରୁ ୨୧ ତାରିଖ ମଧ୍ୟରେ ମଧ୍ୟ ପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ସେପଟେ ରାଜ୍ୟରେ ଏବେ ଶୀତର ଅନୁଭୂତି ଜାରି ରହିଛି ।

ସକାଳୁ ସକାଳୁ ଥରିଲା ନେପାଳ: ୪.୯ ତୀବ୍ରତାଯୁକ୍ତ ଭୂମିକମ୍ପ



କାଠମାଣ୍ଡୁ,୧୨/୧୧:ଗୁରୁବାର ସକାଳୁ ସକାଳୁ ନେପାଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପ ଯୋଗୁଁ ଘରେ ଶୋଇଥିବା ଲୋକେ ଭୟରେ ବାହାରକୁ ବୋଡ଼ିପଳାଇ ଆସିଥିଲେ। ନ୍ୟାସନାଲ ସେଂଟର ଫର୍ ସିସମୋଲୋଜିରୁ ମିଳିଥିବା ସୂଚନା ଅନୁଯାୟୀ, ଭୋର ପ୍ରାୟ ସାଢ଼େ ୪ଟାରେ ୪.୯ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରଭୂମି ଭୂପୃଷ୍ଠର ୭୩ କିଲୋମିଟର ଗଭୀରତାରେ ଥିଲା । ଭୂମିକମ୍ପ ଅନୁଭୂତ ହେବା ପରେ ସ୍ଥାନୀୟ ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ଦଳଗୁଡ଼ିକୁ ସକ୍ରିୟ କରାଯାଇଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଏହି ମଧ୍ୟମ ତୀବ୍ରତାର ଭୂମିକମ୍ପରେ ବଡ଼ ଧରଣର ମୂତାହତ କିମ୍ବା ସମ୍ପତି କ୍ଷତିର ତୁରନ୍ତ ଦୌଣସି ରିପୋର୍ଟ ମିଳିନାହିଁ। ତେବେ ପାର୍ବତ୍ୟ ଅଞ୍ଚଳ ଯୋଗୁଁ ସ୍ଥାନୀୟ ଭୂକମ୍ପୀୟ ପରିସ୍ଥିତି ଉପରେ ଜଡ଼ା ନଜର ରଖିଛନ୍ତି। ଜାତୀୟ ଭୂମିକମ୍ପ ମନିଟରିଂ ଏବଂ ଗବେଷଣା କେନ୍ଦ୍ର ଅନୁଯାୟୀ, ନଭେମ୍ବର ୬ ତାରିଖ ସକାଳେ ନେପାଳର ହୁମଲା ଜିଲ୍ଲାରେ ସକାଳ ୭ଟା ୧୦ ମିନିଟରେ ୪.୨ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଥିଲା । ପୂର୍ବରୁ ନେପାଳରେ ହିମବାହ ସ୍ଖଳନ ଏବଂ ଆକସ୍ମିକ ବନ୍ୟା ଭଳି ବୁରଚି ବଡ଼ ବିପର୍ଯ୍ୟୟ ପାର୍ବତ୍ୟାଞ୍ଚଳ ଜିଲ୍ଲାଗୁଡ଼ିକରେ ଚାଷଚ ରଚିଥିଲା ।

ଗଞ୍ଜାମ ବନ୍ୟା ପାଇଁ ୨୪ ବର୍ଷର ବିଫଳତାକୁ ଦାୟୀ କଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୧୨/୧୧ (ନି/ପ): ବନ୍ୟା ସ୍ଥିତି ପରିଚାଳନା ନେଇ ପ୍ରଶ୍ନ ଉଠିବା ପରେ ପୂର୍ବ ସରକାରଙ୍କୁ ଟାର୍ଗେଟ୍ କଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଗଞ୍ଜାମ ବନ୍ୟା ପାଇଁ ୨୪ ବର୍ଷର ବିଫଳତାକୁ ବାୟୀ କଲେ ରାଜସ୍ୱ ମନ୍ତ୍ରୀ । ସେ କହିଛନ୍ତି ଯେ, ଓଗଜ ପକ୍ଷରୁ ଆଜଜନ ଅନୁଯାୟୀ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ତେବେ ଆଜଜନ ଠାରୁ ଅଧିକ ବର୍ଷା ହେବାରୁ ସ୍ଥିତି ବିଗିଡ଼ିଗଲା । ଗଞ୍ଜାମ ଇତିହାସରେ ଏମିତି ବର୍ଷା କେବେ ହୋଇନଥିଲା । ୨୮, ୨୯ ଓ ୩୦ରେ ପ୍ରବଳ ବର୍ଷା ହେବାରୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା । ଗଞ୍ଜାମରେ ୩ ଦିନରେ ୩୩୭.୬ ମିଲିମିଟର ବର୍ଷା ହୋଇଥିଲା । ଏହି ସମୟରେ ପାଡୁପୁରରେ ୮୦୮.୪ ମିମି ବର୍ଷା ରେକର୍ଡ ହୋଇଛି । ଗୋଟିଏ ଦିନରେ ପାଡୁପୁରରେ ୫୪୬ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା । ବନ୍ୟା ସ୍ଥିତିର ମୁକାବିଲା ପାଇଁ ୮ ମନ୍ତ୍ରୀଙ୍କୁ ବାୟିତ୍ୱ ଦିଆଯାଇଥିଲା । ଆସାମୀ ଦିନରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ବିଜିନ୍ସ ଓଓଞ୍ଚ ସହ ଆଲୋଚନା ହୋଇଥିଲା । ମନ୍ତ୍ରୀ ପୁଣି କହିଛନ୍ତି ଯେ, ବାତ୍ୟା ଅର୍ଦ୍ଧରେ କେବଳ ଜଳଙ୍କର ଭୂଭଜନରେ ମୃତ୍ୟୁ ହେଲା । ଆଗକୁ ପର୍ବତ ପାହାଡ଼ ଜଳମାଳ ଗଜପତିରେ ଭୂଭଜନ ନେଇ ଅନୁଧ୍ୟାନ କରାଯିବ । ୨୪ ବର୍ଷର ସରକାର ନିଜ ବିଫଳତା ଲୁଚାଇବାକୁ ଆମକୁ ଦୋଷ ଦେଉଛନ୍ତି । ୨୦୧୩ ଫାଇଲିନରେ ୪୫ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୮ ଜଣଙ୍କ ମୃତ୍ୟୁ ହୋଇଥିଲା ।

ଦରଦାମ୍ ବୃଦ୍ଧି ନେଇ ତାତିଲେ ଲୋକେ: ସ୍ୱେନରେ ୪୦ ଲକ୍ଷ କର୍ମଚାରୀଙ୍କ ଧର୍ମଘଟ



ମାଡ୍ରିଦ,୧୨/୧୧: ସ୍ୱେନରେ ମହଙ୍ଗା ଘର, ବର୍ଦ୍ଧିତ ଭଡା ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧି ବିରୋଧରେ ପ୍ରତିବାଦ ହିଂସାତ୍ମକ ରୂପ ନେଇଛି । ୪୦ ଲକ୍ଷ ସରକାରୀ କର୍ମଚାରୀ ସରକାରଙ୍କ ନୀତି ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି । ବାର୍ସିଲୋନାରେ ପ୍ରତିବାଦକାରୀ ମାନେ ରାସ୍ତାରେ ନିଆଁ ଲଗାଇ ଅବରୋଧ କରିବା ସହ ବହୁ ଦୋକାନରେ ଭଙ୍ଗାଚୁରା କରିଛନ୍ତି । ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ପରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ବଳ ପ୍ରୟୋଗ କରାଯାଇଛି । ୧୪ ବର୍ଷ ମଧ୍ୟରେ ଦେଶର ପ୍ରଥମ ଦେଶବ୍ୟାପୀ ଧର୍ମଘଟ ସମୟରେ ଏହି ପ୍ରତିବାଦ ଘଟିଛି । ସ୍ୱେନର ରୁଟିଟି ବୃହତ୍ତମ ଶ୍ରମିକ ସଂଗଠନ ୟୁଜିଟି ଏବଂ ସିସିଓଓ ଧର୍ମଘଟକୁ ସମର୍ଥନ କରିଛନ୍ତି । ୟୁନିଅନଗୁଡ଼ିକ ଅନୁଯାୟୀ, ୪୦ ଲକ୍ଷରୁ ଅଧିକ କର୍ମଚାରୀ କାମ ବନ୍ଦ କରିଛନ୍ତି । ମାଡ୍ରିଦ ଏବଂ ବାର୍ସିଲୋନା ସମେତ ଅନେକ ସହରରେ ବହୁ ସଂଖ୍ୟକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ପ୍ରଥମେ ପ୍ରବର୍ତ୍ତନ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ ମୁଖ୍ୟ ରାଲି ଶେଷ ହେବା ପରେ, କିଛି ମୁଖାପିନ୍ଧା ବ୍ୟକ୍ତି ହିଂସାତ୍ମକ ଭିଆଇଥିଲେ। ସେମାନେ ଅଳିଆ ଡବା ଏବଂ ରାସ୍ତା ଉପରେ ରଖାଯାଇଥିବା ସାମଗ୍ରୀରେ ନିଆଁ ଲଗାଇ ବେରୁ ପୁଲିସ ଉପରକୁ ବାଣ ଫିଙ୍ଗିଥିଲେ। ବାର୍ସିଲୋନାର ମେୟର ଜାଲମ କୋଲବୋନିକହିଛନ୍ତି ଯେ, ହିଂସା ସମୟରେ ପ୍ରାୟ ୫୦ ଜଣଙ୍କୁ ଅଟକ ରଖାଯାଇଥିଲା ଏବଂ ୧୦ଟିରୋକାନ୍ଚ କ୍ଷତିଗ୍ରସ୍ତ ହୋଇଥିଲା । ନିଆଁ ଲିଭାଇବା ପାଇଁ ପ୍ରାୟ ୧୦୦ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ମାଡ୍ରିଦରେ ପୁଲିସ ପ୍ରବର୍ତ୍ତନକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହ ବୁହା ଗ୍ୟାସ, ଲଙ୍କା ସ୍ପ୍ରେ ଏବଂ ଫୋମ୍ ବଲ୍ ମଧ୍ୟ ବ୍ୟବହାର କରିଥିଲା । ସାରା ଦେଶରେ ଧର୍ମଘଟ ସମ୍ବନ୍ଧୀୟ ଘଟଣାରେ ରାତି ସୁଦ୍ଧା ୭୩ ଜଣଙ୍କୁ ଗିରଫ କରାଯାଇଥିଲା । ସ୍ୱେନର ଲୋକମାନେ ଘର ଅଭାବ ଏବଂ ବର୍ଦ୍ଧିତ ଭଡାକୁ ନେଇ ଚିନ୍ତିତ ରହିଛନ୍ତି । ଦେଶରେ ପ୍ରାୟ ସାଢ଼େ ୭ ଲକ୍ଷ ଘରର ଅଭାବ ରହିଛି । ଆକଳନ କରାଯାଇଛି ୨୦୨୮ ସୁଦ୍ଧା ଏହି ଅଭାବ ୧୦ ଲକ୍ଷରୁ ଅତିକ୍ରମ କରିପାରେ। ସ୍ୱେନରେ ଘର ପାଇଁ ହାରାହାରି ମାସିକ ଭଡା ୧,୧୭୬ ୟୁରୋ ରହିଛି ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ଲକ୍ଷେ ୨୦ ହଜାରରୁ ଅଧିକ ହେବ । ଏହା ସ୍ୱେନବାସିଙ୍କ ହାରାହାରି ମାସିକ ଆୟର ପ୍ରାୟ ୯୮.୭ ପ୍ରତିଶତ ରହିଛି । ଏହାର ଅର୍ଥ ହେଉଛି ଯେ, ସେମାନଙ୍କର ପ୍ରାୟ ସମସ୍ତ ଆୟ ଭଡାରେ ଖର୍ଚ୍ଚ ହେଉଛି । ଏହି ପ୍ରତିବାଦ ନଭେମ୍ବର ୨୯ ତାରିଖରେ ହୋଇବ ଥିବା ସାଧାରଣ ନିର୍ବାଚନର ତିନି ସପ୍ତାହ ପୂର୍ବରୁ ଆସିଛି । ତେଣୁ ମୁଦ୍ରାସ୍ଫୀତି ଏବଂ ଘର ଅଭାବ ନିର୍ବାଚନରେ ପ୍ରମୁଖ ପ୍ରସଙ୍ଗ ହୋଇପାରେ ବୋଲି ଅନୁମାନ କରାଯାଉଛି ।

ବୈତରଣୀରେ ବୁଡ଼ି ଚାଲିଗଲା ୨ ପର୍ଯ୍ୟଟକଙ୍କ ଜୀବନ

ଭୁବନେଶ୍ୱର/ଯାଜପୁର,୧୨/୧୧(ନି/ପ): ବୈତରଣୀରେ ବୁଡ଼ି ଚାଲିଗଲା ୨ ଜଣଙ୍କ ଜୀବନ । ୨ ତେଲଙ୍ଗାନା ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି । ବରାହନାଥରେ ବୁଡ଼ ପକାଇଥିବା ବେଳେ ବୁଡ଼ି ଯାଇଥିଲେ ୨ ପର୍ଯ୍ୟଟକ । ମିଳିଥିବା ସୂଚନାନୁସାରେ, ଆନ୍ଧ୍ର ପ୍ରଦେଶରୁ ଯାଜପୁର ବୁଲିବାକୁ ଆସିଥିବା ଶ୍ରୀ ଏମ୍. ଶ୍ରୀନିବାସ ପୁତ୍ର ଏମ୍ ଶ୍ରୀମାଚା ଏନ୍. ଦେବୀ ନାମକ ବଳ୍ପତି ଯାଜପୁର ଦଶାଶ୍ୱମେଧ ଘାଟ ନିକଟରେ ବୈତରଣୀ ନଦୀରେ ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ନଦୀରୁ ଉଦ୍ଧାର କରିଥିଲେ । ଉଭୟଙ୍କୁ ବୁଲୁନ୍ସରେ ଅସ୍ପତାଲରେ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ ।

ନୂତନ ସରକାର ଗଠନ ନହେବା ପର୍ଯ୍ୟନ୍ତ ଆକ୍ରମଣ କରନ୍ତୁ ନାହିଁ:

ନେତାନ୍ୟାହୁଙ୍କୁ ଚେତାବନୀ ଦେଲେ ଆଇଜେନକୋଟ



ତେଲ ଅଭିଭ,୧୨/୧୧:ନୂତନ ସରକାର ଗଠନ ପୂର୍ବରୁ ଇସ୍ରାଏଲରେ ରାଜନୀତି ସରଗରମ ହେବାରେ ଲାଗିଛି । ଯାଆାର ଦକ୍ଷର ନେତା ଏମଙ୍କ ଗାବି ଆଇଜେନକୋଟ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଏକ ଚିଠି ଲେଖି ନୂତନ ସରକାର ଗଠନ



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଦୀପାବଳିରେ ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ :

ଦୁର୍ବିପାକ ପାଇଁ ଆଡ଼ମ୍ବରପୂର୍ଣ୍ଣ ଦୀପାବଳିରୁ ଦୂରେଇ ରହିଲେ



କେନ୍ଦୁଝର,୧୨/୧୧(ନି/ପ୍ର):ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକରେ ରାଜ୍ୟବାସୀ ପ୍ରଭାବିତ ହୋଇଥିବାରୁ ଆଡ଼ମ୍ବରପୂର୍ଣ୍ଣ ଦୀପାବଳି ପାଳନରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କେନ୍ଦୁଝର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ଦୀପାବଳି ପାଳନ ନବକି ସର୍କିଟ୍ ହାଉସ୍‌ରେ ଅଭିଯୋଗ ଶୁଣାଣି କରିଛନ୍ତି । ଶତାଧିକ ଲୋକ ନିଜ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି । ଅଭିଯୋଗ ଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଧୈର୍ଯ୍ୟର ସହ ଶୁଣିଥିଲେ । ତୁରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସହ ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରସଙ୍ଗ ଆସିଥିଲା । ଲୋକଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ । ବିଶେଷ କରି ବିଦ୍ୟୁତ୍ ଓ ଜଟିଳ ରୋଗରେ ପୀଡ଼ିତଙ୍କୁ ଛେଡି ସେମାନଙ୍କ ସମସ୍ୟା ବୁଝିଥିଲେ । ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ବିଗରେ ପରକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ । ଅଭିଯୋଗ ସ୍ତୁପ ଜମାକରି ବଡ଼ କଥା ନୁହେଁ, ସେଗୁଡ଼ିକର ସମାଧାନ ବିଗରେ ଅଧିକାରୀମାନେ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଜନତାଙ୍କ ଅତୁଟ ବିଶ୍ୱାସ ଓ ଆସ୍ଥା ଆମକୁ ପ୍ରତିଦିନ ନିରନ୍ତର ସେବା କରିବା ପାଇଁ ଶକ୍ତି ଯୋଗାଉଛି । ଆମ ସରକାରଙ୍କର କେହି ଜଣେ ବି ଯେପରି ନ୍ୟାୟରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସବୁ ପ୍ରକାର ପ୍ରୟାସ କରାଯାଉଛି । ଲୋକଙ୍କ ସମସ୍ୟା ଶୁଣିବା ଓ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ସାଧାରଣ ଲୋକେ ସିଧାସଳଖ ନିଜ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଉଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପାଲଟିଛି । ପ୍ରଶାସନ ଓ ଜନତାଙ୍କ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରି ସରକାରୀ ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଅଭିଯୋଗ ଶୁଣାଣିରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଡିଆଇଜି ବ୍ରିଜେଶ ରାୟ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଲକର୍ଣ୍ଣ, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଡିଏମ୍‌ଏଫ୍ ସିଇଓ ଡ. ରାଜା ପ୍ରଧାନ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଆଲୋକ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ମନ୍ଦବଧର ମହାଲିଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ଚମ୍ପୁଆ,୧୨/୧୧(ନି/ପ୍ର):ଦୁଇ ଜଣଙ୍କୁ ଘରେ ପଶି ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଥିବା ହତ୍ୟାକାରୀ କୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣୟ କୁମାର ଦାସ। ଏଥିସହିତ ଦଶ ହଜାର ଟଙ୍କା ଜୋରିମାନା ରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ଛଅ ମାସ କାରାଦଣ୍ଡ ର ଆଦେଶ ପ୍ରଦାନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଗତ ୨୦୧୯ ମସିହା ଜୁନ୍ ମାସ ଛଅ ତାରିଖ ରେ ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ବାମେଡାରି ଥାନା ଜାଣିଆ ଗ୍ରାମ ର ଉଦ୍ଧବ ନାଏକ (ଛୋଟା) ଗ୍ରାମ ର ସମରା ନାଏକ ଓ ଜର୍ମୁ ନାଏକ ଙ୍କୁ ଘରେ ପଶି ଟାଙ୍ଗିଆରେ ମୁଣ୍ଡ କୁ ହାଣି ନିର୍ମମ ଭାବେ ହତ୍ୟା କରିଥିଲେ। ଅଭିଯୋଗକାରୀ ଜୁଲଧର ନାଏକଙ୍କ ଅଭିଯୋଗ ଆଧାର ରେ ବାମେଡାରି ପୁଲିସ୍ ଥାନା କେସ ନମ୍ବର ୭୫/୧୯ ମାମଲା ରୁଜୁ କରି ଆଇପିସି ଧାରା ୪୫୨ ଓ ୩୦୨ ଦଫାରେ ଉଦ୍ଧବକୁ ଗିରଫ କରି ଚାର୍ଜ ଚାଲାଣ କରିଥିଲେ। ଏସଡି ଜେ ନମ୍ବର ୭୨/୨୦୧୯ ଆଧାରରେ ଏହି ମାମଲା ର ବିଚାର କରି ୧୮ ଜଣ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀଙ୍କ ବୟାନ ଓ ପାରିପାର୍ଶ୍ୱିକ ପ୍ରମାଣ କୁ ଆଧାର କରି ଆଇପିସି ଧାରା ୩୦୨ ଅନୁସାରେ ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ହତ୍ୟାକାରୀ ଉଦ୍ଧବ କୁ ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ଦଶ ହଜାର ଟଙ୍କା ଜୋରିମାନା ରେ ଦଣ୍ଡିତ କରିଛନ୍ତି। ସେହିପରି ଆଇପିସି ଧାରା ୪୫୨ ଅନୁସାରେ ହତ୍ୟାକାରୀ ଉଦ୍ଧବକୁ ପାଂଚବର୍ଷ କାରାଦଣ୍ଡ ସହ ପାଂଚ ହଜାର ଟଙ୍କା ଜୋରିମାନା ରେ ଦଣ୍ଡିତ ପାଇଁ ଆଦେଶ ପ୍ରଦାନ କରିଛନ୍ତି।

ଚମ୍ପୁଆରେ ଜାତୀୟ ଆଇନ ସେବା ଦିବସ ପାଳିତ

ଚମ୍ପୁଆ,୧୨/୧୧(ନି/ପ୍ର):ଚମ୍ପୁଆ ଡାଲୁଲ୍ ଆଇନ୍ ସେବା କମିଟି ଆନୁକୂଲ୍ୟରେ ଚମ୍ପୁଆ କୋର୍ଟ ପରିସରରେ ଜାତୀୟ ଆଇନ ସେବା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସର୍ବସାଧାରଣଙ୍କ ମଧ୍ୟରେ ଆଇନଗତ ଅଧିକାର ଓ ସେବା ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଉପଲକ୍ଷେ ଚମ୍ପୁଆ ଡାକ ବଙ୍ଗଳା ଠାରୁ ଏକ ଭବ୍ୟ ସଚେତନତା ରାଲି ବାହାରି ସହର ପରିକ୍ରମା କରିବା ପରେ କୋର୍ଟ ପରିସରରେ ପହଂଚିଥିଲା। ସେଠାରେ ଆୟୋଜିତ ସ୍ୱେଚ୍ଛନ୍ତ କାର୍ଯ୍ୟକ୍ରମକୁ ଡାଲୁଲ ଆଇନ ସେବା କମିଟିର ଅଧକ୍ଷ ତଥା ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସ ପ୍ରତ୍ୟକ୍ଷ ଭାବେ ତତ୍ୱାବଧାନ କରିଥିଲେ। ସଭାରେ ସବଜଜ ଜିତେନ୍ଦ୍ର ଦାସ, ଚମ୍ପୁଆ ଓକିଲ ଙ୍କ ସଭାପତି ହରେକୃଷ୍ଣ ମିଶ୍ର, ବରିଷ୍ଠ ଆଇନଜିବୀ ରମେଶ ଚନ୍ଦ୍ର ପ୍ରଧାନ ଓ ବିଶ୍ୱ ଚରଣ ରାଠୋର ଯୋଗଦେଇ ଆଇନ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହିତ ରେଭେନ୍ୟୁ ଅଫିସର ସୁଜିତ କୁମାର ସାହୁଁ, ସେପ୍ଟେଟି ଜଲେଶ୍ୱର ସମରେନ୍ଦ୍ର ଦାସ ଏବଂ ଚମ୍ପୁଆ ପିଏମ ଶ୍ରୀ ସରକାରୀ ମହାଦାବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ଗିରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ବାଂଟିଥିଲେ। ଡାଲୁଲ ଆଇନ ସେବା କମିଟିର ସହାୟକ ଅବଦୁଲ ସୁରଜ ଖାନ କାର୍ଯ୍ୟକ୍ରମକୁ ସଚାରୁରୂପେ ପରିଚାଳନା କରିଥିବା ବେଳେ ପାରା ଲିଗାଲ ସ୍ୱେଚ୍ଛାସେବୀ ରାମକୃଷ୍ଣ ଜିତ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଚମ୍ପୁଆ ଓକିଲ ସଂଘର ସଦସ୍ୟ ସମେତ ପିଏମ ଶ୍ରୀ ସରକାରୀ ମହତାବ ଉଚ୍ଚ ବିଦ୍ୟାଳୟର ଏନସିସି ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କୋର୍ଟର ବହୁ କର୍ମଚାରୀ ଉପସ୍ଥିତ ରହି ରାଲି ଏବଂ ସଭାକୁ ସଫଳ କରିଥିଲେ।

ନାବାଳକ ଛାତ୍ରଙ୍କ ରହସ୍ୟଜନକ ମୃତ୍ୟୁ, ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ମାନବାଧିକାର କର୍ମୀ

କେନ୍ଦୁଝର,୧୨/୧୧(ନି/ପ୍ର):କେନ୍ଦୁଝର ସହରର ନ୍ୟୁ କଲୋନୀସ୍ଥିତ ସିଟିଜିଜଡ ମାଧ୍ୟମିକ ବିଦ୍ୟାଳୟର ଜଣେ ୧୬ ବର୍ଷୀୟ ନାବାଳକ ଛାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ଏବେ ତର୍ଜା ଜୋର ଧରିଛି। ଛାତ୍ରଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ଏବଂ ଅନୁଷ୍ଠାନର ସୁରକ୍ଷା ବ୍ୟବସ୍ଥାରେ ତ୍ୟାପକ ଅବହେଳାର ତତନ୍ତ ଦାବିରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତ ଛାତ୍ର ଆଦିତ୍ୟ ନାରାୟଣ ପଲେଇ ଯୁକ୍ତଦୁଇ ବିଜ୍ଞାନ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିବା ସହ ଅନୁଷ୍ଠାନର ହଷ୍ଟେଲରେ ରହୁଥିଲେ । ଶ୍ରୀ ନାୟକ ନିଜ ଅଭିଯୋଗରେ ଦର୍ଶାଯାଇଛି ଯେ, ଗତ ନଭେମ୍ବର ୬ ତାରିଖରେ ବଲେଜ କର୍ତ୍ତୃପକ୍ଷ ଛାତ୍ରଙ୍କ ବାପା ସୁଧାଂଶୁ ଶେଖର ପଲେଇଙ୍କୁ ଫୋନ୍ କରି ପୁରର ଧରଣୀଧର ମେଡିକାଲ ବଲେଜ ଓ ହସ୍ପିଟାଲରେ ପହଂଚିବାକୁ କହିଥିଲେ। ସେଠାରେ ପହଂଚିବା ପରେ ପୁଅ ଗୁରୁତର ଅବସ୍ଥାରେ ଥିବା ଦେଖିପାରେ ମଧ୍ୟ ଜେଜି ପରିସ୍ଥିତିରେ ତାଙ୍କର ଏପରି ଅବସ୍ଥା ହେଲା, ସେ ସମ୍ପର୍କରେ ବଲେଜ କର୍ତ୍ତୃପକ୍ଷଙ୍କ ଠାରୁ ସନ୍ତୋଷ ଜନକ ତଥ୍ୟ ମିଳିନଥିବା ଅଭିଯୋଗ ହୋଇଛି। ଛାତ୍ରଙ୍କ ଡାହାଣ ହାତ ଭାଙ୍ଗିଥିବା ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା । ଅବସ୍ଥା ଗୁରୁତର ହେବାରୁ ତାହାର ନଭେମ୍ବର ୭ ତାରିଖ ସନ୍ଧ୍ୟାର ପ୍ରାୟ ୧୦ଟା ୪୦ ମିନିଟ୍‌ରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍‌ସ୍‌କୁ ସ୍ଥାନାନ୍ତର ପାଇଁ କହିଥିଲେ । ତେବେ ବାଟରେ ଅବସ୍ଥା ଗୁରୁତର ହେବାରୁ ତାହାକୁ ବିପ୍ର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେହି ନଭେମ୍ବର ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ବିଜିନ୍ନ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଛାତ୍ର ଜଣକ ଅନୁଷ୍ଠାନର ୪ର୍ଥ ମହଲା ଛାତ ଉପରୁ ପଡ଼ିଯାଇଥିବା ଜୁହାଯାଇଥିଲେ ମଧ୍ୟ ସେ କେଉଁ ସ୍ଥାନରୁ ଓ କେଉଁ ପରିସ୍ଥିତିରେ ପଡ଼ିଲେ, ତାହା ଏବେ ବି ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ସ୍ଥୁଲ ଓ ହସ୍ଟେଲରେ ଝରକାରେ ସୁରକ୍ଷା ଗ୍ରିଲ୍, ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା, ସୁରକ୍ଷା କର୍ମୀ ଏବଂ ଛାତ୍ରଙ୍କ ଉପରେ ନିୟମିତ ତଦାରଖ ବ୍ୟବସ୍ଥା ନଥିବା ନେଇ ହିମାଂଶୁ ନିଜ ଆବେଦନରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାରେ ଛାତ୍ରଙ୍କ ବାପାଙ୍କ ଅଭିଯୋଗ ଆଧାରରେ କେନ୍ଦୁଝର ଟାଉନ୍ ଥାନାରେ କେସ୍‌ନଂ ୧୧୪୧/୨୦୨୬ ରୁଜୁ ହୋଇଛି। ଘଟଣାର ନିରପେକ୍ଷ ଓ ବୈଜ୍ଞାନିକ ତଦନ୍ତ ପାଇଁ ଏହାକୁ କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିବା ସହ ଘଟଣା ସମୟର ସମସ୍ତ ସିସିଟିଭି ଫୁଟେଜ୍, ଡିଭିଟାଲ୍ ରେକର୍ଡ଼ ଓ ଅନ୍ୟାନ୍ୟ ପ୍ରମାଣ ସୁରକ୍ଷିତ ରଖିବାକୁ ଆୟୋଗଙ୍କ ନିକଟରେ ଶ୍ରୀ ନାୟକ ପ୍ରାର୍ଥନା କରିଛନ୍ତି। ଏଥିସହିତ ଘଟଣାର ତିଦାର ବିଭାଗୀୟ ତଦନ୍ତ, ସ୍ଥୁଲ ଓ ହସ୍ଟେଲର ସୁରକ୍ଷା ବ୍ୟବସ୍ଥାର ତ୍ୟାପ୍ତ ଯାଚ, ଦାୟୀ ଅଧିକାରୀଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଏବଂ ମୃତ ଛାତ୍ରଙ୍କ ପରିବାରକୁ ୪୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଦାବି ହୋଇଛି। କେବଳ ଏହି ଅନୁଷ୍ଠାନ ନୁହଁ, ଜିଲ୍ଲାର ସମସ୍ତ ଆବାସିକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଅସ୍ତ୍ରି ନିରାପତା, ହଷ୍ଟେଲ ପରିଚାଳନା ଓ ସିସିଟିଭି ବ୍ୟବସ୍ଥାର ତ୍ୟାପ୍ତ ଯାଚ କରିବାକୁ ମଧ୍ୟ ହିମାଂଶୁ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। ଜଣେ ନାବାଳକ ଛାତ୍ର ଶିକ୍ଷାନୁଷ୍ଠାନର ହଷ୍ଟେଲରେ ରହୁଥିବା ସମୟରେ ଏପରି ଅପ୍ରତ୍ୟାଶିତ ଶିକାର ହୋଇ ମୃତ୍ୟୁବରଣ କରିବା ଘଟଣା ଶିକ୍ଷାନୁଷ୍ଠାନଗୁଡ଼ିକର ସୁରକ୍ଷା ଦାୟିତ୍ୱକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଓ ଅଭିଯୋଗର ସତ୍ୟତା ତତନ୍ତ ପରେ ହିଁ ସ୍ପଷ୍ଟ ହେବ।

ପରିବାର ଭିତିକ ଶିଶୁ ଯତ୍ନ ଏବଂ ସୁରକ୍ଷା ଉପରେ କର୍ମଶାଳା



ଅନୁଗୋଳ,୧୨/୧୧(ନି/ପ୍ର): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫର ବୈଷୟିକ ସହଯୋଗରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ପରିବାର ଭିତିକ ଶିଶୁ ଯତ୍ନ ଏବଂ ପରିବାରରୁ ଶିଶୁ ବିଚ୍ଛିନ୍ନତା ରୋକିବା ନେଇ ଏକ ଆଚଂଳିକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ହେବାକୁ ଥିବା ୯ଟି 'ପରିବାରଭିତିକ ଯତ୍ନ' କର୍ମଶାଳା ମଧ୍ୟରୁ ଏହା ପଂଚମ ପର୍ଯ୍ୟାୟ ଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ତବିତା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକ ଶିଶୁଙ୍କ ପାଇଁ ଶେଷ ବିକଳ୍ପ ହେବା ଉଚିତ୍ ବୋଲି କହିଥିଲେ । ଶିଶୁମାନଙ୍କୁ ଫୋଷ୍ଟର କେୟାର ଏବଂ ଜିନ୍‌ସିପ୍ ଫେୟାର ଭଳି ପରିବାର ଭିତିକ ସେବାରେ ସାମିଲ କରିବା ପାଇଁ ଅଧିକ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ୟୁନିସେଫ୍‌ର ଶିଶୁ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଙ୍କିତ କେଶରୀ ଏହି ଅବସରରେ ବୈଷୟିକ ଅଧିବେଶନ ପରିଚାଳନା କରିଥିଲେ । ଏଥିରେ ପରିବାରରୁ ଶିଶୁଙ୍କ ବିଚ୍ଛିନ୍ନତା ରୋକିବା, ପରିବାର ସହାୟତା ସେବାକୁ ସୁଦୃଢ଼ କରିବା, ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ଭୂମିକା, ଫୋଷ୍ଟର ଓ କିନ୍ ?ସିପ୍ କେୟାରର ପ୍ରସାର ଏବଂ ଅନୁଷ୍ଠାନ ଛାଡୁଥିବା ଶିଶୁମାନଙ୍କ ପାଇଁ ଆଫ୍ଟର-କେୟାର ସେବାର ସୁଧାର ଉପରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ କବୁରୀ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଶିଶୁ ମଙ୍ଗଳ କମିଟି,ଶିଶୁ ନ୍ୟାୟ ବୋର୍ଡର ସଦସ୍ୟ, ସ୍ୱତନ୍ତ୍ର ଶିଶୁ ପୋଲିସ ୟୁନିଟ୍, ଚାଇଲ୍ଡ ହେଲ୍ପଲାଇନ୍, ମହିଳା ସଶକ୍ତିକରଣ କେନ୍ଦ୍ର ଏବଂ ଖ୍ରୀନ ଷ୍ଟାର ସେଟ୍‌ମରର ପ୍ରତିନିଧିପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

ଆମ ବସ୍ ଧକ୍କାରେ ତିନି ମହିଳା ଆହତ

କେନ୍ଦୁଝର,୧୨/୧୧(ନି/ପ୍ର): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଆଟୋପୁର ଠାରେ ଦ୍ରୁତ ଆମ ବସ୍ ଧକ୍କାରେ ତିନି ମହିଳା ଆହତ ହୋଇଛନ୍ତି। ସେଥି ମଧ୍ୟରୁ ଦୁଇ ଗୁରୁତର ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବସକୁ ସ୍ଥାନୀୟ ବାସିନ୍ଦା ଅଟକାଇ ଥିବାବେଳେ ଚାଳକ ବସ ସହିତ ପଳାୟନ କରିଛି। ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଜଣେ ମହିଳା ଏକ ସ୍କୁଟି ଯୋଗେ ପୁରୁଣା ସହର ରୁ କେନ୍ଦୁଝର ସହର ଆଡ଼େ ଯାଉଥିବା ବେଳେ ସ୍ଥାନୀୟ ଆଟୋପୁର ଠାରେ ପୁଟ ବସ ମୁହମୁହିଁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଆରୋହୀ ତିନି ଜଣ ଗୁରୁତର ହୋଇଥିଲେ । ଏହି ଘଟଣା ପରେ ଆମ ବସ୍ ଉକ୍ତ ରାସ୍ତାରେ ଚଳାଚଳ ବନ୍ଦ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

ରାମନାଗୁଡ଼ାରେ ଶିଶୁ ଶ୍ରମ ଆଇନ ସଚେତନତା ଶିବିର ଅନୁଷ୍ଠିତ

ଶିଶୁ ଶ୍ରମ ମୁକ୍ତ ଗ୍ରାମପଚାଂୟତ ଗଠନ କରିବା ଲକ୍ଷ



ରାୟଗଡା /ରାମନାଗୁଡା:୧୨/୧୧(ନି/ପ୍ର):ରାୟଗଡା ଜିଲ୍ଲା ରାମନାଗୁଡ଼ା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରାମନାଗୁଡ଼ା ବ୍ଲକ୍ ପ୍ରଶାସନ,ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁ ଶ୍ରମ ସୁରକ୍ଷା ଆଇନ ସଚେତନତା ରଥ କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ସମ୍ମିଳନୀ କକ୍ଷ ରେ ଶିଶୁ ଶ୍ରମ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ଶ୍ରୀମତୀ ଜାନକୀ ନିମାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ

ବିବିଧା



ଦରମା ବୃଦ୍ଧି କହିବାରୁ ସୋନାରିକା 'ଶୋ'ରୁ ବିଦା

ଲୋକପ୍ରିୟ ପୌରାଣିକ ଧାରାବାହିକ 'ଦେବୋଂ କେ ଦେବ ମହାଦେବ'ରେ ଦେବୀ ପାର୍ବତୀଙ୍କ ଭୂମିକାରେ ଅଭିନୟ କରି ଘରେ ଘରେ ପରିଚିତ ଅଭିନେତ୍ରୀ ସୋନାରିକା ଭଦୋରିଆ । ବର୍ତ୍ତମାନ ସେ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ଦରମା ଅସମାନତାକୁ ନେଇ ମୁହଁ ଖୋଲିଛନ୍ତି । ନିଜର ଫିସ୍ ବୃଦ୍ଧି କରିବାକୁ ଦାବି କରିବାରୁ ତାଙ୍କୁ ଏକ ଦିଟ୍ ଟିଭି ଶୋ'ରୁ ବାହାର କରିଦିଆଯାଇଥିଲା ବୋଲି ସେ ଖୁଲାସା କରିଛନ୍ତି। 'ହଟସ୍ପୁଏ'ର 'ମେଲ୍ ଫେମିନିଷ୍ଟ' ପଡ୍ କାଷ୍ଟରେ ଯୋଗଦେଇ ସୋନାରିକା ଏହି ଅନୁଭୂତି ବାଣ୍ଟିଛନ୍ତି । ଶୋ'ର ନାଁ, କଳାକାର କିମ୍ବା ନିର୍ମାତାଙ୍କ ନାଁ ପ୍ରକାଶ ନକରି ସେ କହିଛନ୍ତି ଯେ ପ୍ରାୟ ଏକ ବର୍ଷ ଧରି ସେ ଏକ ଟିଭି ଧାରାବାହିକରେ କାମ କରୁଥିଲେ। ଏହି ସମୟରେ ଶୋ'ର ଟିଆର୍‌ପି ଦେଶ୍ ବଢ଼ିଯାଇଥିଲା। ଏପରିକି ଚ୍ୟାନେଲ ପକ୍ଷରୁ କଳାକାରଙ୍କ ପାଇଁ ଏକ ପାର୍ଟି ମଧ୍ୟ ଆୟୋଜନ କରାଯାଇଥିଲା। ଏଭଳି ସଫଳତା ପରେ ଫିସ୍ ବୃଦ୍ଧି ଆଶା କରିବା ସ୍ୱାଭାବିକ ବୋଲି ସେ କହିଥିଲେ । କିନ୍ତୁ ଯେତେବେଳେ ସେ ଅଧିକ ଟଙ୍କା ଦାବି କଲେ, ତାଙ୍କୁ କେଉଁ ଆଧାରରେ ଫିସ୍ ବଢ଼ାଇବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ପରେ ତାଙ୍କୁ ଶୋ'ରୁ ବାହାର କରି ଅନ୍ୟ ଜଣେ ଅଭିନେତ୍ରୀଙ୍କୁ ନିଆଯାଇଥିଲା। ଏପରିକି ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଆଯାଇଥିବା କଥା ମଧ୍ୟ ସେ ଜାଣିପାରିନଥିଲେ। ସୋନାରିକା ଆହୁରି କହିଛନ୍ତି ଯେ ଶୋ'ର ଟିଆର୍‌ପି ଭଲ ଥିବା ସମୟରେ ଜଣେ ପୁରୁଷ ସହ-କଳାକାର ଶୋ' ଛାଡ଼ିଦେବାକୁ ଧମକ ଦେଉଥିଲେ। ତାଙ୍କ ଦାବି ପରେ ନିର୍ମାତାମାନେ ତାଙ୍କ ଫିସ୍‌କୁ ତିନିଗୁଣ ବଢ଼ାଇ ଦେଉଥିଲେ। ହେଲେ ତାଙ୍କ କ୍ଷେତ୍ରରେ ଥରେ ମଧ୍ୟ ଦରମା ବୃଦ୍ଧି କରାଯାଇନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ସୋନାରିକାଙ୍କ କହିବା ଅନୁସାରେ, ଟଲିଉଡ୍ ଓ କଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ଦରମାକୁ ନେଇ ଅସମାନତା ରହିଛି। ଏଠାରେ ପୁରୁଷ କଳାକାର, ଏପରିକି ନୂଆ ଅଭିନେତାମାନଙ୍କୁ ମଧ୍ୟ ମୋଟା ଅଙ୍କର ଫିସ୍ ମିଳୁଛି ।



ଆର୍‌ସି-୧୭ ପାଇଁ ୧୫୦ କୋଟି ଫି' ନେବେ ରାମଚରଣ

୨୦୨୭ ମସିହା ଦକ୍ଷିଣ ଭାରତୀୟ ସିନେମା ଜଗତ ପାଇଁ ଖାସ ହେବାକୁ ଯାଉଛି। ମହେଶ ବାବୁଙ୍କ 'ବାରାଣସୀ'ଠାରୁ ଆରମ୍ଭ କରି ଅଲ୍ଲୁ ଅର୍ଜୁନ, ପ୍ରଭାସ ଓ ଜୁନିୟର ଏନ୍‌ଟିଆରଙ୍କ ବଡ଼ ବଡ଼ ପ୍ରୋଜେକ୍ଟକୁ ନେଇ ବର୍ଷକଙ୍କ ମଧ୍ୟରେ ଉତ୍ସାହ ରହିଛି। ଏହାରି ଭିତରେ ଏବେ ଚର୍ଚ୍ଚାରେ ରହିଛି ରାମଚରଣଙ୍କ ଆଗାମୀ ଫିଲ୍ମ ଆର୍‌ସି-୧୭ । 'RRR' ପରେ ରାମଚରଣଙ୍କ ଦୁଇଟି ଫିଲ୍ମ ରିଲିଜ ହୋଇଛି। ପ୍ରଥମେ ଆସିଥିଲା 'ଗେମ ଚେଞ୍ଜର', ଯାହା ବକ୍ସ ଅଫିସ୍‌ରେ ଆଶାନୁରୂପ ସଫଳତା ପାଇ ନ ଥିଲା। ଏହାପରେ ରିଲିଜ ହୋଇଥିଲା 'ପେଡ୍ଡି'। ଏହି ଫିଲ୍ମ କିଛି ଆୟ କରିଥିଲେ ମଧ୍ୟ ଏହାକୁ ନେଇ ବିବାଦ ଚର୍ଚ୍ଚାରେ ରହିଥିଲା। ଏବେ ଅଭିନେତାଙ୍କ ପରବର୍ତ୍ତୀ ବଡ଼ ପ୍ରୋଜେକ୍ଟ ଜଉ୧୭ ଉପରେ ସମସ୍ତଙ୍କ ନଜର ରହିଛି। 'ରଙ୍ଗସ୍ଥଳମ' ଭଳି ବୁକବଷ୍ଟର ଫିଲ୍ମ ଦେଇଥିବା ରାମଚରଣ ଓ ନିର୍ଦ୍ଦେଶକ ସୁକୁମାର ପୁଣିଥରେ ଏକାଠି କାମ କରୁଛନ୍ତି। ଏହି ଯୋଡ଼ିଙ୍କ ନୂଆ ଫିଲ୍ମକୁ ନେଇ ତେଲୁଗୁ ସିନେମା ଜଗତରେ ଏବେଠାରୁ ଚର୍ଚ୍ଚା ଜୋର ଧରିଛି। ଆର୍‌ସି-୧୭ ପାଇଁ ରାମଚରଣ ୧୫୦ କୋଟି ଟଙ୍କା ଫି' ନେବେ। ସେହିପରି ନିର୍ଦ୍ଦେଶକ ସୁକୁମାରଙ୍କ ଫି' ୧୦୦ କୋଟି ଟଙ୍କା ରହିଥିବା କୁହାଯାଉଛି। ଏଥିରେ ରାଇଟିଂରୁ ମିଳିବାକୁ ଥିବା ଲାଭ ମଧ୍ୟ ସାମିଲ ରହିଛି। ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବ।



ଅପରାଜିତା ଫୁଲ ଚା' ଦୂର କରିବ କ୍ୟାନସର

ନୀଳଫୁଲ ଅପରାଜିତା ଆମ ସ୍ୱାସ୍ଥ୍ୟ ପାଇଁ ଫୁଲଟି ଖୁବ୍ ଉପକାରୀ । ଏହି ଫୁଲ ଆଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ୍ଣ। ପି-କେମାରିକ୍ ଏସିଡ୍, ଡେଲ୍‌ଫିନିଡିନ୍-୩, କେମ୍ପୋରାଲ୍, ୫-ଗ୍ଲୁକୋସାଇଡ୍ ପରି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଏହି ଫୁଲଟିରେ ଅନେକ ସ୍ୱାସ୍ଥ୍ୟଗତ ଉପକାରିତା ଅଛି...

ଅପରାଜିତା ଫୁଲର ଚା' ଶରୀର ପାଇଁ ଏକ ବରଦାନ ସଦୃଶ ଏବଂ ଏହା ନିଜର ଚମତ୍କାରୀ ନୀଳ ରଙ୍ଗ ତଥା ଔଷଧୀୟ ଗୁଣ ପାଇଁ ବେଶ୍ ଜଣାଶୁଣା। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି-ଅକ୍ସିଡାଣ୍ଟ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ।

ଚା' ତିଆରି କରିବାର ସହଜ ପ୍ରଣାଳୀ



■ ପାଣି ଗରମ କରନ୍ତୁ: ପ୍ରଥମେ ଏକ ପାତ୍ରରେ ୧ ରୁ ୧.୫ କପ୍ ପାଣିକୁ ଭଲଭାବେ ଫୁଟାନ୍ତୁ।

■ ଫୁଲ ମିଶାନ୍ତୁ: ପାଣି ଫୁଟିବା ପରେ ସେଥିରେ ୪-୫ଟି ସତେଜ କିମ୍ବା ଶୁଖିଲା ନୀଳ ଅପରାଜିତା ଫୁଲ ପକାନ୍ତୁ।

■ **ସମୟ ଦିଅନ୍ତୁ:** ଗ୍ୟାସ୍ ବନ୍ଦ କରି ପାତ୍ରକୁ ୩-୫ ମିନିଟ୍ ଘୋଡ଼ାଇ ରଖନ୍ତୁ, ଯାହା ଦ୍ୱାରା ପାଣିର ରଙ୍ଗ ସମ୍ପୂର୍ଣ୍ଣ ନୀଳ ହୋଇଯିବ।

■ **ଛାଣି ନିଅନ୍ତୁ:** ଏହାକୁ କପ୍‌ରେ ଛାଣି ନିଅନ୍ତୁ। ଆପଣ ଚାହିଁଲେ ସ୍ୱାଦ ପାଇଁ ଏଥିରେ ଅଳ୍ପ ମହୁ ମଧ୍ୟ ମିଶାଇ ପାରିବେ।

■ **ଅପରାଜିତା ଚା' ପିଇବାର ପ୍ରମୁଖ ଉପକାରିତା**

■ ମାନସିକ ଚାପ କମାଏ: ଏହି ଚା' ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରେ, ଯାହା ଦ୍ୱାରା ଚିନ୍ତା ଓ ମାନସିକ ଚାପ ଦୂର ହୁଏ।

■ **ସ୍ମୃତିଶକ୍ତି ବୃଦ୍ଧି କରେ:** ଆୟୁର୍ବେଦ ଅନୁସାରେ ଏହା ଏକ ଟ୍ରେନ୍ ଟନିକ୍ ଭଳି କାମ କରି ସ୍ମୃତିଶକ୍ତି ଓ ଏକାଗ୍ରତା ବଢ଼ାଇଥାଏ।

■ **ଓଜନ ନିୟନ୍ତ୍ରଣ:** ଏହା ଶରୀରର ମେଟାବୋଲିଜିମ୍ ବଢ଼ାଇ ଓଜନ ହ୍ରାସ କରିବାରେ ବେଶ୍ ସହାୟକ ହୋଇଥାଏ।

■ **ଚାଇବେଟିସ୍ ପାଇଁ ଲାଭଦାୟକ:** ଏହା ଶରୀରରେ ଇନସୁଲିନ୍ ସ୍ତରକୁ ସନ୍ତୁଳିତ ରଖି ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣ କରେ।

■ **ତ୍ୱଚା ଓ କେଶର ଚମକ:** ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ତ୍ୱଚାକୁ ବୟସର ଛାପରୁ ରକ୍ଷା କରେ ଏବଂ କେଶ ଝଡ଼ିବା କମାଏ।

■ **କର୍କଟ ରୋଗରୁ ରକ୍ଷା:** ଏଥିରେ ଥିବା ଆନଟିଅକ୍ସିଡାଣ୍ଟ କର୍କଟ କୋଷଗୁଡ଼ିକର ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରେ।



'ସାତ୍ତ୍ୱା ସାତ୍ତ୍ୱା' ଲୁକ୍‌କୁ ଅନୁକରଣ କରିଛନ୍ତି ଅନନ୍ୟା

କିଛି ଦିନ ତଳେ ମାଆ ଶ୍ରୀଦେବୀଙ୍କ 'ନାଗିନା' ଲୁକ୍‌ରେ ନଜର ଆସିଥିଲେ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର। ଏବେ ରାଣୀ ମୁଖାର୍ଜୀଙ୍କ 'ସାତ୍ତ୍ୱା ସାତ୍ତ୍ୱା' ଲୁକ୍‌କୁ ଅନୁକରଣ କରିଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଅନନ୍ୟାଙ୍କ ଏହି ଅବତାର ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ବଲିଉଡ୍‌ର ଲୋକପ୍ରିୟ ଫିଲ୍ମ 'କଭି ଖୁସି କଭି ଗମ୍'ର 'ସାତ୍ତ୍ୱା ସାତ୍ତ୍ୱା' ଗୀତରେ ରାଣୀଙ୍କ ବେଶଭୂଷା ଆଜି ବି ଅନେକଙ୍କ ପସନ୍ଦ ହୋଇ ରହିଥିବା ବେଳେ ଅନନ୍ୟା ସେହି ସ୍ମୃତିକୁ ପୁଣି ଥରେ ତାଜା କରିଛନ୍ତି। ମୁମ୍ବାଇରେ ଆୟୋଜିତ ଡିଜାଇନର ମନୀଷ ମଲହୋତ୍ରାଙ୍କ ଦୀପାବଳି ପାର୍ଟିରେ ଅନନ୍ୟାଙ୍କୁ ରାଣୀଙ୍କ ଲୁକ୍‌ରେ ଦେଖି ସଭିଏଁ ଚକିତ ହୋଇଥିଲେ। ୨୦୦୧ରେ ମୁକ୍ତିଲାଭ କରିଥିବା 'କଭି ଖୁସି କଭି ଗମ୍' ଫିଲ୍ମ କେବଳ କାହାଣୀ ଓ କଳାକାରଙ୍କ ଅଭିନୟ ପାଇଁ ନୁହେଁ, ଫ୍ୟାସନ୍ ପାଇଁ ମଧ୍ୟ ଚର୍ଚ୍ଚାଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ନେଇଛି। ଏହି ଫିଲ୍ମରେ ରାଣୀ ମୁଖାର୍ଜୀ ପିନ୍ଧିଥିବା ଚମକଦାର ଲେହେଙ୍ଗା ବେଶ୍ ଲୋକପ୍ରିୟ ହୋଇଥିଲା। ଦୀର୍ଘ ବର୍ଷ ପରେ ଅନନ୍ୟା ସେହି ପୋଷାକରୁ ପ୍ରେରଣା ନେଇ ନିଜ ଲୁକ୍ ପ୍ରସ୍ତୁତ କରିଛନ୍ତି। ଅନନ୍ୟା ଏହି ଚମକଦାର ଲେହେଙ୍ଗା ସହ ମ୍ୟାଚିଂ ବ୍ଲାଉଜ୍ ପିନ୍ଧିଥିଲେ। ଏହା ସହ ହୀରାର ହାର, ଆକର୍ଷଣୀୟ କାନଫୁଲ ଓ ଆଙ୍ଗୁଠିରେ ମ୍ୟାଚିଂ ମୁଦି ପିନ୍ଧି ସେ ନିଜ ଷ୍ଟାଇଲ୍‌କୁ ସମ୍ପୂର୍ଣ୍ଣ କରିଥିଲେ। କେଶ ଖୋଲା ରଖିବା ସହ ହାଲୁକା ମେକ୍‌ଅପ୍‌ରେ ସେ ବେଶ୍ ଆକର୍ଷଣୀୟ ଦିଶୁଥିଲେ। ହାଲୁକା ଗୋଲାପି ଲିପ୍‌ଷ୍ଟିକ୍, ଗୋଲାପି ବ୍ଲସ୍ ଓ ଆଖିରେ ହାଲୁକା ଆଇସ୍ୟାଡୋ ତାଙ୍କ ଲୁକ୍‌କୁ ଆହୁରି ସୁନ୍ଦର କରିଥିଲା। ଅନନ୍ୟା ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ପ୍ରଥମେ ଫିଲ୍ମରେ ରାଣୀ ପିନ୍ଧିଥିବା ପୋଷାକର କିଛି ଫଟୋ ସେୟାର କରିଥିଲେ। ପରେ ନିଜର ଏହି ନୂଆ ଲୁକ୍‌ର ଫଟୋ ପୋଷ୍ଟ କରିଥିଲେ। ତାଙ୍କର ଏହି ଅନ୍ଦାଜ ପୁଣି ଥରେ ପୁରୁଣା ବଲିଉଡ୍ ଫ୍ୟାସନ୍ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇଛି।

ଉତ୍କଳ ସମାଗମ

ସମ୍ପାଦକୀୟ...

ଶୁକ୍ରବାର ୧୩ ନଭେମ୍ବର ୨୦୨୬

ନରାଜ ପ୍ରହେଳିକା

ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ଓ ଜୀବିକା ମହାନଦୀର ଜଳ ଉପରେ ନିର୍ଭର କରିଥାଏ । ଦ୍ରୁତ ବିଆର ଲାଭ କରୁଥିବା କଟକ ଓ ଭୁବନେଶ୍ୱରର ପ୍ରାୟ ଜନସଙ୍ଖ୍ୟା ଏବେ ଜଳ ଉପରେ ନିର୍ଭର କରିଥାନ୍ତି । ଅନୁମାନ କରାଯାଇଥିବା ଭଳି ଡେଟା ସେଣ୍ଟର ଯଦି ବୈଦିକ ୩୦ ନିୟୁତ ଲିଟର ଜଳ ଶୋଷି ନିଏ, ତେବେ ତାହା ଓଡ଼ିଶାକୁ ଏକ ତୃଷାର୍ତ ରାଜ୍ୟରେ ପରିଣତ କରିଦେବ । ସରକାର ଓ ଏମ୍ପୁକ୍ତ କମ୍ପାନି ବୁଜନ୍ତ ଏ ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରିବା ଜରୁରି । ଏଇ ସମ୍ବାଦପତ୍ରର ଭଗିନୀ ପ୍ରକାଶନ 'ଆମ ଓଡ଼ିଶା' ସାପ୍ତାହିକ ପତ୍ରିକାର ସଦ୍ୟତମ ସଂଖ୍ୟାରେ ତାଙ୍କର 'ରାଜଧାନୀ ରାଜନୀତି' ସ୍ତମ୍ଭରେ ଶ୍ରୀ ମାଧବ ଓଡ଼ିଶାର ଅର୍ଥନୈତିକ ସ୍ୱାର୍ଥ ସହିତ ଜଡ଼ିତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ବାସ୍ତବରେ ସେ ଜଂଗ୍ରେସ ନେତା ଶ୍ରୀଜାନ୍ତ ଜେନାଙ୍କର ଏ ସଂପର୍କିତ ମନ୍ତବ୍ୟକୁ ଉଦ୍ଧାର କରି ଯେଉଁ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ତାହା ହେଉଛି ନଲାଜଠାରେ ଆଦାନୀ କମ୍ପାନିର ସହଯୋଗରେ ଏକ ବିଶାଳ ଏଆଇ ଡେଟା ସେଣ୍ଟର ପ୍ରତିଷ୍ଠା କରାଯିବା ପାଇଁ ହେଉଥିବା ଉଦ୍ୟମ । ଉପଲବ୍ଧ ସୂଚନା ଅନୁସାରେ ସେଠାରେ ୧.୦୪ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇ ୨୫୦ ଏକରବ୍ୟାପୀ ଏକ-ଗିଗାୱାଟ କ୍ଷମତାସମ୍ପନ୍ନ ଏକ ଡେଟା ସେଣ୍ଟର ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ରହିଛି । ସେପ୍ଟେମ୍ବରରେ ରାଜ୍ୟ ସରକାର ସେଥିପାଇଁ ଇଂସେନ୍ଟାଭ୍ସ ପ୍ରଦାନ କରିଥିବା ସୂଚନା ପ୍ରକାଶ ପାଇଛି । ଏଇ ପରିପ୍ରେକ୍ଷ୍ୟରେ ନିର୍ଦ୍ଦିଷ୍ଟ ରୂପେ ପ୍ରଭାବଶାଳୀ ବୋଧ ହୋଇଥାଏ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ୍, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ ଏବଂ ଅତ୍ୟାଧୁନିକ ଡିଜିଟାଲ ଭିତ୍ତିଭୂମି ଆଦି କ୍ଷେତ୍ରରେ ପୁଞ୍ଜି ନିବେଶକମାନଙ୍କ ପାଇଁ ଓଡ଼ିଶା ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟ ସ୍ଥଳ ବୋଲି ପ୍ରଚାର୍ଣ୍ଣତ କରିବା ନିମିତ୍ତ ରାଜ୍ୟ ସରକାର ଏହାକୁ ଏକ ଶକ୍ତିଶାଳୀ ଉଦାହରଣ ରୂପେ ବ୍ୟବହାର କରିବାକୁ ଚାହିଁବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ ଏଇ ପ୍ରସ୍ତାବିତ ପ୍ରକଳ୍ପ ପ୍ରତି ଉତ୍ସାହ ପ୍ରଦର୍ଶନ ନିଃସର୍ତ୍ତ ନହୋଇ ଯେ ସର୍ବମୂଳକ ହେବା ଉଚିତ, ତାହା ଏହାର ସମସ୍ତ ଦିଗକୁ ଯତ୍ନର ସହିତ ଅନୁଶୀଳନ କଲେ ସ୍ପଷ୍ଟ ହୋଇଥାଏ । ନିଃସନ୍ଦେହରେ ଆଧୁନିକ ଅର୍ଥନୀତି ପାଇଁ ବର୍ତ୍ତମାନ ଡେଟା ସେଣ୍ଟରମାନ ଅପରିହାର୍ଯ୍ୟ ହୋଇସାରିଲେଣି । ବ୍ୟାଙ୍କିଙ୍ଗରୁ ଆରମ୍ଭ କରି ଟେଲିକମ୍ୟୁନିକେସନ୍ସ୍, ଇ-ଗଭର୍ନ୍ସ, ଡିଜିଟାଲ ପ୍ରଶାସନ, ଏଆଇ, ବିଜ୍ଞାନ ଗବେଷଣା ସମେତ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ସମସ୍ତ କାର୍ଯ୍ୟ ସଂପାଦନରେ ରହିଥାଏ ଡେଟା ସେଣ୍ଟରମାନଙ୍କର ଅପରିହାର୍ଯ୍ୟ ଅବଦାନ । ଆଉ ଏହି ଡେଟା ସେଣ୍ଟରମାନ ଯଦି ସମସ୍ତେ ଦେଶ ବାହାରେ ଅବସ୍ଥିତ ଥାନ୍ତି, ତେବେ ଭାରତ ତେବେହେଲେ ଡିଜିଟାଲ ସାର୍ବଭୌମତ୍ୱ ହାସଲ କରିବା ସମ୍ଭବ ହୋଇପାରିବ ନାହିଁ । କିନ୍ତୁ ଡେଟା ସେଣ୍ଟରମାନଙ୍କର ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ସତ୍ତ୍ୱେ ପୃଥିବୀ ସାରା ଏହାର ସ୍ଥାପନ ଏକ ଅତ୍ୟନ୍ତ ବିବଦମାନ ପ୍ରସଙ୍ଗରେ ପରିଣତ ହେବା ଦେଖାଯିବାରେ ଲାଗିଛି । ଏଣୁଡ଼ିକର ସମ୍ଭନ୍ଧ ସୁଧ୍ଧା ଅପ୍ରମିତ ହୋଇଥାଏ- ଏମାନେ କାର୍ଯ୍ୟକ୍ଷମ ହେବା ପାଇଁ ଅପର୍ଯ୍ୟାପ୍ତ ପରିମାଣର ଜଳ ଓ ବିଦ୍ୟୁତ୍‌ଶକ୍ତି ଆବଶ୍ୟକ କରିଥାନ୍ତି । ଏଥିସହିତ ଅନ୍ୟାନ୍ୟ ସ୍ଥାନୀୟ ଭିତ୍ତିଭୂମି ମଧ୍ୟ ଉପଲବ୍ଧ ହେବା ଆବଶ୍ୟକ ହୋଇଥାଏ । ଏକ ଡେଟା ସେଣ୍ଟର କେବଳ କେତେଗୁଡ଼ିଏ କମ୍ପ୍ୟୁଟରମାନଙ୍କର ସମାହାର ନୁହେଁ, ଏଠାରେ ଥାଏ ହଜାର ହଜାର ସର୍ଭର, ଷ୍ଟୋରେଜ ସିଷ୍ଟମ, ନେଟୱର୍କିଙ୍ଗ ଉପକରଣମାନ, କୁଲିଙ୍ଗ ବ୍ୟବସ୍ଥା, ବ୍ୟାକଅପ୍ ଜେନେରେଟରମାନ, ଟ୍ରବ୍ସଫର୍ମରମାନ, ଏବଂ ଅତ୍ୟାଧୁନିକ ନିରାପତ୍ତା ବ୍ୟବସ୍ଥା । ଏଆଇ ବିପ୍ଳବ ଏ ସମସ୍ତର ଆବଶ୍ୟକତାକୁ କେବଳ ବହୁଗୁଣିତ କରିବେଇଛି ଯାହା । ଉନ୍ନତ ଏଆଇ ମଡେଲମାନଙ୍କୁ ତାଲିମ ଦେବା ପାଇଁ ଏବଂ ଚଲାଇବା ପାଇଁ ବିଶାଳ କମ୍ପ୍ୟୁଟିଙ୍ଗ କ୍ଷମତା ଆବଶ୍ୟକ ହୋଇଥାଏ । ୨୦୨୬ରେ ଇଟସରନେସନାଲ ଏନର୍ଜି ଏଜେନ୍ସି କରିଥିବା ଆକଳନ ଅନୁସାରେ ଏଆଇକେନ୍ଦ୍ରିତ ଡେଟା ସେଣ୍ଟରମାନଙ୍କରେ ବିଦ୍ୟୁତ୍ ଶକ୍ତି ବ୍ୟବହାରରେ ୫୦ ଶତାଂଶ ବୃଦ୍ଧି ଘଟିଥିଲା । ଏହା ଏକ ସାମୟିକ ବୃଦ୍ଧି ନୁହେଁ । ମାନୁଫାକ୍‌ଚରିଙ୍ଗରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା, ପରିବହନ, ଫାଇନାନ୍ସ୍ ଓ ପ୍ରଶାସନ ପର୍ଯ୍ୟନ୍ତରେ ଏଆଇର ବ୍ୟବହାରରେ ଯେତେ ବୃଦ୍ଧି ଘଟିବାଲିଜ, ଜମ୍ପ୍ୟୁଟିଙ୍ଗ କ୍ଷମତାରେ ସେତେ ତୀକ୍ଷ୍ଣ ବୃଦ୍ଧି ଆବଶ୍ୟକ ହେବ । ଓଡ଼ିଶା ଏଇ ପରିବର୍ତ୍ତନରେ ଅଂଶଗ୍ରହଣ କରିବାରେ ଏଠାରେ ଏକ ଡେଟା ସେଣ୍ଟରର ସ୍ଥାପନ ନିଶ୍ଚିତ ଭାବରେ ସହାୟକ ହେବ । କିନ୍ତୁ ଏଥିସହିତ ଏହା ଆମର ସମ୍ବଳ ପରିସ୍ଥିତି ଉପରେ ସୃଷ୍ଟି କରୁଥିବା ଚାପ ପ୍ରତି ମଧ୍ୟ ଆମେ ସଚେତନ ହେବା ଆବଶ୍ୟକ । ପ୍ରସ୍ତାବିତ ଏକ-ଗିଗାୱାଟ ପ୍ରକଳ୍ପ ଯଦି ନିରବଚ୍ଛିନ୍ନ ଭାବରେ ଏକ ଗିଗାୱାଟ ଶକ୍ତି ଟାଣିବାରେ, ତେବେ ଦିନକୁ ଏହା ୨୪ ଗିଗାୱାଟ ଆୱାର ବିଦ୍ୟୁତ୍ ଶକ୍ତି ଭକ୍ଷଣ କରିବ, ଯାହା ହେଉଛି ୨.୪ ଛୋଟି ୟୁନିଟ୍ ସହିତ ସମାନ । ଏହା ହେଉଛି କେବଳ ମାତ୍ର ଏକ ସମ୍ଭାବ୍ୟ ଚିତ୍ର । ଅତିମ ଚିତ୍ର ଅବଶ୍ୟ ନିର୍ଭର କରିବ ଏଇ ପ୍ରକଳ୍ପର ଦକ୍ଷତା ଉପରେ, ଶୀତଳୀକରଣ ପ୍ରବିଧି ଉପରେ ଏବଂ ଏହାର ସଂପ୍ରସାରଣର ବେଗ ଉପରେ । ଡେଟା ସେଣ୍ଟରର ଆଗମନ ଯୋଗୁଁ ରାଜ୍ୟର ପରିବାରମାନେ, କୃଷି, ଶିଳ୍ପ, ବାଣିଜ୍ୟ, ହସ୍‌ପିଟାଲ, ରେଳ ଚଳାଚଳ ଆଦି ଯେପରି ଶକ୍ତି ସଂକଟର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ପୂର୍ବରୁ ଯୋଜନା କରିବାକୁ ଓ ସତର୍କ ରହିବାକୁ ହେବ । ଆସନ୍ତୁକ ଜଂପାନି ନିଜର ଶକ୍ତି ଆବଶ୍ୟକତା ପୂରଣ କରିବାକୁ ଯଦି ନିଜର ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରନ୍ତୁ, ତେବେ ଏଭଳି ସଂକଟର ଆବିର୍ଭାବ ଘଟନ୍ତା ନାହିଁ । ଏବଂ ତାହା ଯଦି ଅକ୍ଷୟ ଶକ୍ତିଭିତ୍ତିକ ହୁଅନ୍ତା, ତେବେ ପରିବେଶ ମଧ୍ୟ ସୁରକ୍ଷିତ ରହନ୍ତା । ଆମର ଦ୍ୱିତୀୟ ଚିନ୍ତାର କାରଣ ହେଉଛି- ଜଳ । ମହାନଦୀର ଜଳପ୍ରବାହକୁ ବୃଦ୍ଧିରେ ରଖି ନରାଜଠାରେ ଏକ ଡେଟା ସେଣ୍ଟରର ସ୍ଥାପନା ପରିକଳ୍ପନା କରାଯାଇଛି । ମହାନଦୀର ଜଳ କେବଳ ଶିଳ୍ପରେ ବ୍ୟବହାର ପାଇଁ ରଖିଷ୍ଟ ନୁହେଁ, ରାଜ୍ୟର ବିସ୍ତୃତ ଅଞ୍ଚଳରେ ପାନୀୟ ଜଳ ଯୋଗଣ୍ଡୁ ଆରମ୍ଭ କରି କୃଷି, ନୌ-ପରିବହନ, ମତ୍ସ୍ୟଚାଷ ଆଦିକୁ ଆବଶ୍ୟକ ଜଳ ଯୋଗାଇ ମହାନଦୀ ରାଜ୍ୟର ଜୀବନରେଖା ରୂପେ କାର୍ଯ୍ୟ କରିଥାଏ । ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ଓ ଜୀବିକା ମହାନଦୀର ଜଳ ଉପରେ ନିର୍ଭର କରିଥାଏ । ଦ୍ରୁତ ବିଆର ଲାଭ କରୁଥିବା କଟକ ଓ ଭୁବନେଶ୍ୱରର ଘନ ଜନବସତିମାନ ଏଇ ଜଳ ଉପରେ ନିର୍ଭର କରିଥାନ୍ତି । ଅନୁମାନ କରାଯାଇଥିବା ଭଳି ଡେଟା ସେଣ୍ଟର ଯଦି ବୈଦିକ ୩୦ ନିୟୁତ ଲିଟର ଜଳ ଶୋଷି ନିଏ, ତେବେ ତାହା ଓଡ଼ିଶାକୁ ଏକ ତୃଷାର୍ତ ରାଜ୍ୟରେ ପରିଣତ କରିଦେବ । ସରକାର ଓ ଏମ୍ପୁକ୍ତ କମ୍ପାନି

ଆଶାର ଗବାକ୍ଷ : ପ୍ରଶ୍ନ କରିବାର ସାହସ

ଗୌରଚନ୍ଦ୍ର ତ୍ରିପାଠୀ

"ମୋତେ ଜାହାକୁ ଦେବ ?" ଜଠୋପନିଷଦରେ ବାଜଶ୍ରବ ନଚିକେତା ପିତାଙ୍କ ଧାର୍ମିକ ଯଜ୍ଞର ଯଥାର୍ଥକୁ ନେଇ ପ୍ରଶ୍ନ କରିବାର ସାହସ କରିଥିଲେ । ଅସହିଷ୍ଣୁ ହୋଇ ପିତା ବାଜଶ୍ରବସ କହିଥିଲେ, "ଯମଙ୍କୁ" । ଜିଜ୍ଞାସା ନଚିକେତାକୁ ମୃତ୍ୟୁର ରହସ୍ୟ ଜାଣିବାକୁ ନେଇଯାଇଥିଲା, ଯେଉଁଠାରେ ସେ ମାନବ ଅସ୍ତିତ୍ୱର ସବୁଠାରୁ ସୂକ୍ଷ୍ମ ରହସ୍ୟର ସନ୍ଧାନ କରିଥିଲେ । ନଚିକେତା ବିରୋଧ କରିବା ପାଇଁ ନୁହେଁ, ସତ୍ୟକୁ ଜାଣିବା ପାଇଁ ପ୍ରଶ୍ନ କରିଥିଲେ । ଜ୍ଞାନର ଯାତ୍ରା ଏକ ଅସହଜ ପ୍ରଶ୍ନରୁ ହିଁ ଆରମ୍ଭ ହୋଇଥାଏ । ଭାରତର ପରମ୍ପରା ସହ ପ୍ରଶ୍ନ କରିବାର ପ୍ରବୃତ୍ତି ଗଭୀର ଭାବେ ଜଡ଼ିତ । ଉପ୍‌ବେଦର 'ନାସଦୀୟ ସୂକ୍ତ' ସୃଷ୍ଟିର ଉତ୍ପତ୍ତିକୁ ନେଇ ପ୍ରଶ୍ନ ଉଠେ । ଏପରିକି ପରମ ସତ୍ୟକୁ ଜାଣିବାର ଚଳ୍ଚାର ଉକ୍ତି- 'ଅଥାତୋ ବ୍ରହ୍ମ ଜିଜ୍ଞାସା'ରୁ ହିଁ ଆମର ବ୍ରହ୍ମସୂତ୍ରର ଆରମ୍ଭ । ଏହି ଜିଜ୍ଞାସାର ଧାରା ଆମ ପୋଥିପୁରାଣରେ ମଧ୍ୟ ପ୍ରବାହିତ । ମହାଭାରତରେ ଦ୍ରୌପଦୀ ରାଜସଭାରେ ନିଜକୁ ବାଜି ଲଗାଯିବାର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ, କୁରୁକ୍ଷେତ୍ରରେ ଅର୍ଜୁନ ଯୁଦ୍ଧର ନୈତିକତା ଉପରେ ପ୍ରଶ୍ନ କରିଥିଲେ । ସେହିପରି ସୁଦୂର ଗ୍ରୀସରେ ସକ୍ରେଟିସ ପ୍ରତଳିତ ବିଶ୍ୱାସକୁ ଏବଂ ଗାଲିଲିଓ ବ୍ରହ୍ମାଣ୍ଡ ବିଷୟକ ପ୍ରତିଷ୍ଠିତ ଧାରଣାକୁ ପ୍ରଶ୍ନ କରିଥିଲେ । ଏହାର ତାତ୍ପର୍ଯ୍ୟ ସ୍ପଷ୍ଟ- ସଭ୍ୟତାର ମହାନତା ପ୍ରଶ୍ନର ସମ୍ମୁଖୀନ ହେବାର ସାହସରେ ନିହିତ ଥାଏ । ପ୍ରଶ୍ନର ପରିସୀମା କେବଳ ଜ୍ଞାନର ସନ୍ଧାନରେ ସୀମିତ ରହିନାହିଁ, ସାମାଜିକ ପରିବର୍ତ୍ତନର ମୂଳରେ ମଧ୍ୟ ରହିଛି । ଜଣେ ଦିଧବାକୁ ଜାହିଁକି ଚିତାନଳରେ ପ୍ରାଣ ଦେବାକୁ ବାଧ କରାଯିବ ? ଜାହିଁକି ସରକାରୀ ଅନୁଷ୍ଠାନ ଗୋପନୀୟତାର ପରଦା ଆଢୁଆଳରେ ଜାମ କରିବ ? ଜାହିଁକି ମହିଳା ଏଭଳି ପ୍ରଥାର ଶରବଳ ହେବେ ଯାହା ତାଙ୍କ ମର୍ଯ୍ୟାଦାକୁ କ୍ଷୁଣ୍ଣ କରେ ? ଏହିସବୁ ପ୍ରଶ୍ନ ହିଁ ସତୀଦାହ ପ୍ରଥା ଉଚ୍ଛେଦ, ସୂଚନା ଅଧିକାର ଓ ସମାନତାର ଆଇନ ପାଇଁ ପ୍ରେରଣା ପାଇଥିଲା । ସାମାଜିକ ସଂସ୍କାର ପରି ଗଣତନ୍ତ୍ରର ସୁସ୍ଥତା ମଧ୍ୟ ପ୍ରଶ୍ନ କରିବାର ଅଧିକାର ଉପରେ ନିର୍ଭର କରେ । ସରକାରଙ୍କ କୌଣସି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଲେ ସରକାର ଦୁର୍ବଳ ହୋଇଯାଆନ୍ତି ନାହିଁ । ନଚିକେତାଙ୍କ ପ୍ରଶ୍ନ ତାଙ୍କୁ ଯମଙ୍କ ଦ୍ୱାରରେ ପହଂଚାଇଥିଲା; ଆଜି ମଧ୍ୟ ପ୍ରଶ୍ନ କରିବାର ଧୃଷ୍ଟତା ପାଇଁ ଅନେକଙ୍କୁ ଯମ ଦଣ୍ଡ ମିଳୁଛି । ମାଲ୍‌ଟା ଦେଶର ଡାଫନେ ଜାଭୁଆନା ଗାଲିଜିଆ, କୁଏତିଆର ଆନ୍ନା ପୋଲିଟକୋଭସ୍କାୟା, ଆମ ଭାରତରେ ଗୌରୀ ଲଙ୍କେଶ, ଶୁଜାତ ବୁଖାରୀ ଓ ଓଡ଼ିଶାର ତରୁଣ କୁମାର ଆଚାର୍ଯ୍ୟଙ୍କ ହତ୍ୟା ସାମ୍ବାଦିକଙ୍କ ସୁରକ୍ଷା ଓ ମୁକ୍ତ ଅଭିବ୍ୟକ୍ତି ଉପରେ ଗଭୀର ପ୍ରଶ୍ନ ଉଠାଏ । ଅନ୍ୟପଟେ, ଭାରତରେ ବିରୋଧୀ ଦଳକୁ ଦୁର୍ବଳ କରିବା ପାଇଁ ପ୍ରଲୋଭନ, ଚାପ, ତଦନ୍ତର ଭୟ ଓ ବଜାୟ ବିଭାଜନ ପରି ବିଭିନ୍ନ ଅଭିଯୋଗ ଗଣତନ୍ତ୍ରର ସ୍ୱାସ୍ଥ୍ୟକୁ ନେଇ ଆଲୋଡ଼ନ ସୃଷ୍ଟି କରିଛି । ଅପରପକ୍ଷରେ ଗଣମାଧ୍ୟମର ବୃହତାଂଶ ଶାସକବର୍ଗ ପ୍ରତି ଅତ୍ୟଧିକ ଅନୁକୂଳ ହେବାର ସମାଲୋଚନାର ବଶ୍ୱବର୍ତ୍ତୀ ହେବାସହ 'ଗୋଦି ମିଡିଆ'ର ଦୁର୍ନାମ ପାଇଛି । ପ୍ରଶ୍ନ ଉଠିଛି ବିରୋଧୀଙ୍କ ସ୍ୱର ଯଦି ନିରବ ହୋଇଯାଏ, ଶାସକକୁ ଠିକ୍ ମାର୍ଗରେ ରଖିବ କିଏ ? ତଥାପି, ଦମନ ଓ ଚାପ ସତ୍ତ୍ୱେ ପ୍ରଶ୍ନ କରିବାର ସାହସ ବଢି ରହିଛି । ନଭେମ୍ବର ୧୯ ବିଶ୍ୱ ସମାବେଶରେ ରାହୁଲ ଗାନ୍ଧୀ ଉଠାଇଥିବା ପ୍ରଶ୍ନ- ୨୦୨୪ରେ ଭୋଟ ଦେଇଥିବା ୧୩.୫ କୋଟି ଭୋଟରଙ୍କ ନାମ ଯଦି ଏବେ ତାଲିକାରୁ ହଟିଛି, ତେବେ ସେମାନେ ସେତେବେଳେ ଯୋଗ୍ୟ ଥିଲେ କି ? ଯଦି ଥିଲେ, ଏବେ ନାମ ହଟାଇବାର ଆଧାର କ'ଣ ? ଆଉ ଯଦି ଅଯୋଗ୍ୟ ଥିଲେ, ସେମାନଙ୍କ ଭୋଟରେ ଜିତିଥିବା ନିର୍ବାଚନର ବୈଧତା କ'ଣ ? ଏହି ପ୍ରଶ୍ନ ନଚିକେତାଙ୍କ ଜିଜ୍ଞାସାର ଆଧୁନିକ ପ୍ରତିରୂପ ନି ! ଠିକ୍ ସେହିପରି, ଯୁରୋପର ବିଭିନ୍ନ ଦେଶରେ ଜେନ-ଜି ପିଢ଼ି ଦୁର୍ନୀତି ଓ ଅବ୍ୟବସ୍ଥା ବିରୋଧରେ ରାସ୍ତାକୁ ଓହ୍ଲାଇଛି । ଉଭୟ କ୍ଷେତ୍ରରେ ପ୍ରଶ୍ନ ହେଉଛି- ବିଫଳ ଶାସନକୁ ଆଉ କେତେଦିନ ସହିବା ? ସୁବିଧାଯୁକ୍ତ ପ୍ରଶ୍ନ ଦ୍ୱାରା ଭୁଲ୍ ପଦାକୁ ଆସେ, ଶାସନ ବ୍ୟବସ୍ଥାରେ ସୁଧାର ଆସେ ଓ ଜନଆସ୍ଥା ସୁଦୃଢ଼ ହୁଏ । ଯେଉଁଠି ପ୍ରଶ୍ନକୁ ସ୍ୱାଗତ କରାଯାଏ, ସେଠାରେ ଉତରଦାୟିତ୍ୱ ବୃଦ୍ଧି ପାଏ ଏବଂ ଯେଉଁଠି ପ୍ରଶ୍ନକୁ ଦମନ କରାଯାଏ, ସେଠାରେ ଅନ୍ୟାୟ 'ସ୍ୱାଭାବିକତା'ର ମୁଖା ପିନ୍ଧିବା ଆରମ୍ଭ ଜରେ । ଏହାର ବିପରୀତ ଚିତ୍ର ଦେଖାଯାଏ, ଯେତେବେଳେ ପ୍ରଶ୍ନ ଅଲୋଡ଼ା ହୋଇଯାଏ । ପିଲାଟିଏ ଯେତେ 'କାହିଁକି ?' ବୋଲି ପ୍ରଶ୍ନ ପଚାରେ, ଆମେ ଅନେକ ସମୟରେ ତାକୁ ଚୁପ୍ କରାଇଦେଉ । ଯେତେବେଳେ ଜଣେ ଶିକ୍ଷୁକ ଗୁରୁତ୍ୱନଙ୍କୁ ପ୍ରଶ୍ନ ନକରିବାକୁ କୁହାଯାଏ, ଛାତ୍ର ଶିକ୍ଷଣକୁ ପ୍ରଶ୍ନ କରିବାକୁ ଭୟ କରେ, କର୍ମଚାରୀ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଚ୍ୟାଲେଞ୍ଜ କରିବାକୁ ସଙ୍କୋଚ କରନ୍ତି, କିମ୍ବା କ୍ଷମତାସୀନ ବ୍ୟବସ୍ଥାକୁ ପ୍ରଶ୍ନ କରିବା ଯୋଗୁଁ ଜଣେ ନାଗରିକଙ୍କୁ ଦେଶଦ୍ରୋହୀ ବୋଲି ଆଖ୍ୟା ଦିଆଯାଏ, ସେତେବେଳେ ଆଜ୍ଞାବହତା ସର୍ବସ୍ୱ ନୁହେଁ, ନିୟନ୍ତ୍ରଣର ମାଧ୍ୟମ ପାଲଟିଯାଏ । ଯେଉଁ ସମାଜ ଜିଜ୍ଞାସା ବା ଅନୁସନ୍ଧାନକୁ ନିରୁତ୍ସାହିତ କରେ, ସେଠାରେ ଶ୍ରମର ଦାୟିତ୍ୱବୋଧ ଓ ଉତରଦାୟିତ୍ୱକୁ ନିମ୍ନ ହେବାର ଆଶଙ୍କା ସୃଷ୍ଟି ହୁଏ । ତେଣୁ 'ପ୍ରଶ୍ନ' ସଂଘର୍ଷ ନୁହେଁ, ସଂସ୍କାରର ପ୍ରଥମ ପାହାଚ । ନଚିକେତାଙ୍କ ମହାନତା ବିରୋଧ କରିବାରେ ନଥିଲା, ସତ୍ୟ ଜାଣିବାର ଜିଜ୍ଞାସାରେ ଥିଲା । ନିଷ୍ପାପର ଜିଜ୍ଞାସାକୁ ସ୍ୱାଗତ କରୁଥିବା ସମାଜ ହିଁ ଉନ୍ନତ ଆସ୍ତରାଜାଲିର ଆଶାକୁ ଜୀବିତ ରଖେ । ଯେତେବେଳେ ପ୍ରଶ୍ନ କରିବାର ସାହସକୁ ଶ୍ରଦ୍ଧାବୋଧ ଧୈର୍ଯ୍ୟ ଏବଂ ଜାର୍ଯ୍ୟ କରିବାର ଦାୟିତ୍ୱବୋଧର ଆଶ୍ୱାସନା ମିଳେ, ସେତେବେଳେ ପ୍ରଶ୍ନ ସଂଘର୍ଷର ମାଧ୍ୟମ ନହୋଇ ପରିବର୍ତ୍ତନର ଭିତିଭୂମି ପାଲଟିଯାଏ । ସତ୍ୟର ସ୍ୱରକୁ ଶୃଙ୍ଖଳିତ କରାଯାଇ ।

ମହାପ୍ରଭୁଙ୍କ ପୁଣ୍ୟପାବନ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର

ଜାହିଁ ଅନାଦି ଜାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଭଗବାନ ବଳଭଦ୍ର ଓ ମାତା ସୁଭଦ୍ରାଙ୍କୁ ଭକ୍ତଜନମାନେ ଚର୍ମ ନେତ୍ରରେ ଦର୍ଶନ କରି ଆସୁଛନ୍ତି । ତେବେ ମହାପ୍ରଭୁଙ୍କ ଏହି ପୁଣ୍ୟ ପାବନ କ୍ଷେତ୍ର ସହିତ ସାଧାରଣରେ ଓଡ଼ିଶାର ଖବରଜାଗଜ ବୁଝାଯାଇଥିବା ଶବ୍ଦଟି ବୈଦିକ 'ସମାଜ'ର ଏକ ଭାବପୂର୍ଣ୍ଣ ସମ୍ପର୍କ ରହିଛି । ଆମେ ସମସ୍ତେ ଜାଣିଛେ ଜଳଜମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମାନସ ସନ୍ତାନ ହେଉଛି 'ସମାଜ' । ୧୯୨୪ ମସିହା ନଭେମ୍ବର ୨୯ ତାରିଖରେ ଦାସ ଆପଣେ ବା ପଣ୍ଡିତ ଗୋପବନ୍ଧୁ କାରାବାସରୁ ମୁକ୍ତ ହେବା ପରେ ପୁଣି ଥରେ 'ସମାଜ'ର ସମ୍ପାଦନା ଦାୟିତ୍ୱ ନେଇଥିଲେ । ସମାଜର ପ୍ରକାଶକ ଓ ମୁଦ୍ରାକର ଭାବେ ଆତ୍ମାର୍ଯ୍ୟ ହରିହର ଦାସ ଦାୟିତ୍ୱ ନିର୍ବାହ କରୁଥାନ୍ତି । ସୂଚନାଯୋଗ୍ୟ ଏହି ସମୟରୁ ହିଁ ଦୈନିକ ସମାଜର ପ୍ରକାଶନ, ମୁଦ୍ରଣ ଓ ସମ୍ପାଦନା ଦାୟିତ୍ୱରୁ ଅଲଗା କରାଯାଇଥିଲା । ସେ ସମୟରେ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ରର ପୁରୀରେ ସାଧାରଣ ଜାତୀୟ ଜୀବନ ଏକ ପ୍ରକାର ନିଷ୍ପ୍ରଭ ହୋଇପଡୁଥିବା ଅନୁଭବ କରି ଗୋପବନ୍ଧୁ ଦାସ ମହାପ୍ରଭୁଙ୍କ କ୍ଷେତ୍ର ପୁରୀରେ ଅବସ୍ଥାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେ ସମୟରି ଥିଲା ଜଂରେଜ ଶାସନର ସମୟ । ଦେଶ ମାତୃକାର ପାଇଁ ସଂଗ୍ରାମୀଙ୍କ ସଂଗ୍ରାମର ବାର୍ତ୍ତା ଚାରିଆଡ଼କୁ ବ୍ୟାପ୍ତ ହେଉଥିଲା । ସେ ସମୟରେ ଅର୍ଥାତ୍ ୧୯୨୫ ମସିହା ଜାନୁଆରୀ ୩ ତାରିଖରେ ସତ୍ୟବାଦୀ ଛାପାଖାନା ଯାହାକି ସତ୍ୟବାଦୀ ଠାରେ ଥିଲା ତାହାକୁ ପୁରୀର ବଉଠାପଡ଼ା ସାହି ନିକଟ ପଥୁରିଆ ସାହିକୁ ଅଣାଯାଇଥିଲା । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ସାପ୍ତାହିକ ସମାଜ ଛପା ଯାଉଥିଲା । ସେ ସମୟରେ ଛପା ବ୍ୟବସ୍ଥାକୁ ଦେଖି ସମାଜ ଦଳର ଭ୍ରାନ୍ତ ଆଚାରରେ ପ୍ରକାଶିତ ହେଉଥିଲା । ପୁରୀ ଠାରେ ଅବସ୍ଥାନ କରିବା ସମୟରେ ଦାସେ ଆପଣେ ସମାଜ ସହିତ ଏକ ଜଂଘାକା ସାପ୍ତାହିକ ପତ୍ରିକା ପ୍ରକାଶ କରିବାକୁ ଚାହିଁଥିଲେ । ଏହି କାର୍ଯ୍ୟକୁ ପରିଚାଳନାରେ ସହାୟତା କରିବା ପାଇଁ ସତ୍ୟବାଦୀ ବନବିତ୍ୟାଳୟର ଅଧକ୍ଷ ତଥା ସେ ପୁତ୍ର ପ୍ରତୀମ ସ୍ନେହ ଦେଇଥିବା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କୁ ନିଜ ପାଖରେ ରଖିଥିଲେ । ତେବେ ବିଧିର ବିଧାନ ସତ୍ତବତଃ ଅଲଗା ଥିଲା । ଗୋପବନ୍ଧୁ ଦ





ରେଙ୍ଗାଲି ଷ୍ଟେସନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ





ସମ୍ବଲପୁର,୧୨/୧୧(ନି/ପ୍ର):ରେଳ ଦୁର୍ଘଟଣା ଓ ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ସହ ଉଦ୍ଧାର କାର୍ଯ୍ୟକୁ ଅଧିକ ଦକ୍ଷ ଓ ତ୍ୱରିତ କରିବା ଲକ୍ଷ୍ୟରେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ବୁଧବାର ରେଙ୍ଗାଲି ରେଳ ଷ୍ଟେସନଠାରେ ଏକ ପୂର୍ଣ୍ଣାଙ୍ଗ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜିତ ହୋଇଥିଲା । ଏହି ଅଭ୍ୟାସରେ ମୁଖ୍ୟତଃସ୍ତିତ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ, ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟବାହୀ ବଳ , ସ୍ଥାନୀୟ ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ରେଳବାଇ ସ୍ୱାଟଫ୍ ଆଣ୍ଡ ଗାଇଡ୍, ସ୍ୱେଚ୍ଛାସେବୀ ସଂଗଠନ ଓ ରେଳବାରର ବିଭିନ୍ନ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ । ଅଭ୍ୟାସ ସମୟରେ ଆଧୁନିକ ଉଦ୍ଧାର ଉପକରଣ ଓ ଜ୍ଞାନକୌଶଳର ଉପଯୋଗ କରି ରେଳ ଦୁର୍ଘଟଣାଜନିତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପ୍ରଦର୍ଶନ କରାଯାଇଥିଲା । ଦୁର୍ଘଟଣାଗ୍ରସ୍ତ ରେଳ କୋଚ୍‌ରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର, ଅଗ୍ନି ନିର୍ବାପନ ଏବଂ ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର ଭଳି କାର୍ଯ୍ୟକଳାପର ନମୁନା ପ୍ରଦର୍ଶିତ ହୋଇଥିଲା । ଏହାଦ୍ୱାରା ବିଭିନ୍ନ ସଂସ୍ଥାର ପ୍ରସ୍ତୁତି, କାର୍ଯ୍ୟଦକ୍ଷତା ଓ ପାରସ୍ପରିକ ସମନ୍ୱୟର ଆକଳନ କରାଯାଇଥିଲା । ଏହି ଅଭ୍ୟାସ ସୁଲକ୍ଷ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ପରିଦର୍ଶନ କରି ଅଂଶଗ୍ରହଣକାରୀ ଦଳଗୁଡ଼ିକ ସହ ଆଲୋଚନା କରିଥିଲେ । ସମସ୍ତଙ୍କ ସକ୍ରିୟ ଉଦ୍ୟମକୁ ପ୍ରଶଂସା କରି ସେ କହିଥିଲେ ଯେ, ଏଭଳି ମିଳିତ ଅଭ୍ୟାସ ରେଳବାର ଓ ବିଭିନ୍ନ ବିପର୍ଯ୍ୟୟ ମୁକାବିଲା ସଂସ୍ଥା ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିଥାଏ । ଫଳରେ ଅପ୍ରତ୍ୟାଶିତ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବା ସହ ଦୁର୍ଘଟଣାଗ୍ରସ୍ତଙ୍କ ଦୁର୍ଦ୍ଦଶା ହ୍ରାସ କରାଯାଇପାରିବ । ଅଭ୍ୟାସର ସଫଳ ଆୟୋଜନ ଓ ସହଯୋଗ ପାଇଁ ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଶ୍ରୀ ଲିଙ୍ଗରାଜ ଗଡ଼ତିଆ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥା, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ମିଳିତ ଅଭ୍ୟାସ ମାଧ୍ୟମରେ ରେଳ ସୁରକ୍ଷା ବୃଦ୍ଧି, ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ମଜବୁତ କରିବା ଏବଂ ଜରୁରୀକାଳୀନ ସମୟରେ ବିଭିନ୍ନ ସଂସ୍ଥାର ତ୍ୱରିତ ଓ ସମନ୍ୱିତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ଦିଗରେ ସମ୍ବଲପୁର ମଣ୍ଡଳର ପ୍ରତିବଦ୍ଧତା ପୁନଃ ପ୍ରତିଫଳିତ ହୋଇଛି ।

ବିଶିଷ୍ଟ ବରିଷ୍ଠ ନାଗରିକ ନାଥମଲ୍ କେଡ଼ିଆଙ୍କ ପରଲୋକ



ସମ୍ବଲପୁର,୧୨/୧୧(ନି/ପ୍ର): ଫାଉଣ୍ଡେସନ୍ ଟ୍ରଷ୍ଟ, ସମ୍ବଲପୁର ଏବଂ ସମ୍ପର୍କସେତୁ ପରିବାର ଗଭୀର ଭାବେ ମର୍ମାହତ ହୋଇଛନ୍ତି । ଏହି ଦୁଃଖଦ ସମୟରେ ସମ୍ପର୍କ ଫାଉଣ୍ଡେସନ୍ ଟ୍ରଷ୍ଟର ସଭାପତି ଅଶୋକ କୁମାର କେଡ଼ିଆଙ୍କ କୁମାର ପଦ୍ମା, ସମ୍ପର୍କ ସେତୁ ପତ୍ରିକାର ସମ୍ପାଦକ ଡଃ ଦୀପେନ କୁମାର ପଟ୍ଟନାୟକ ଏବଂ ସମ୍ପର୍କ ସେତୁ ପରିବାରର ବିଶିଷ୍ଟ ସଦସ୍ୟ ଶ୍ୟାମ ସୁନ୍ଦର ଶର୍ମା ଶୋକସନ୍ତପ୍ତ କେଡ଼ିଆ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି । ଏଥିସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିତ୍ତଗତ ଆତ୍ମାଙ୍କ ସଦ୍‌ଗତି ଓ ଶୋକସନ୍ତପ୍ତ ପରିବାରକୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଛନ୍ତି ।

ସୁଧୀର ପଣ୍ଡାଙ୍କ କଡ଼ା ସମାଲୋଚନା :
ନିଜ ସରକାର ବିରୋଧରେ ବିଜେପିର ପଦଯାତ୍ରା କାହିଁକି ?

ସମ୍ବଲପୁର,୧୨/୧୧(ନି/ପ୍ର): ଶାସକ ବିଜେପି ପକ୍ଷରୁ 'ଲୋକତନ୍ତ୍ର ବଚାଂଅ, ଅରାଜକତା ହଟାଅ' ନାମରେ ଆୟୋଜିତ ପଦଯାତ୍ରାକୁ ନେଇ ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ପଣ୍ଡା କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ନିଜେ ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ବିଜେପି ନିଜ ସରକାର ବିରୋଧରେ ଏଭଳି ପଦଯାତ୍ରା କରିବାର ଉଦ୍ଦେଶ୍ୟ କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ଯଦି ଅରାଜକତା ରହିଛି, ତେବେ ଏଥିପାଇଁ ବାୟୀ କିଏ ? ଶାସନ ବ୍ୟବସ୍ଥାରେ ଶୃଙ୍ଖଳା, ସ୍ୱଚ୍ଛତା ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ ନୁହେଁ କି ? ନିର୍ବାଚନ ପରେ ଇଭିଏମ୍ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ଅଗ୍ନିକାଣ୍ଡ ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ସମୟରେ ତତ୍କାଳୀନ ଶିକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଭଳି ଘଟଣା ଶାସନ ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଲୋକତନ୍ତ୍ରର ସୁରକ୍ଷା କେବଳ ସ୍ଲୋଗାନ ଜିୟା ପଦଯାତ୍ରାରେ ସୀମିତ ରହିବା ଉଚିତ ନୁହେଁ । ଶାସନରେ ଜବାବଦେହିତା, ଜନସମସ୍ୟାର ସମାଧାନ, ସୁବଳକୁ ନିସୁକ୍ତି ଏବଂ ସାଧାରଣ ଲୋକଙ୍କ ଅଧିକାରର ସୁରକ୍ଷା ମାଧ୍ୟମରେ ଏହା ପ୍ରତିଫଳିତ ହେବା ଆବଶ୍ୟକ । ତେଣୁ ବିଜେପି ପ୍ରଥମେ ନିଜ ଶାସନର ସମୀକ୍ଷା କରି ଜନସାଧାରଣଙ୍କ ପ୍ରଶ୍ନର ଉତ୍ତର ଦେବା ଉଚିତ ବୋଲି ଶ୍ରୀ ପଣ୍ଡା ମତ ପ୍ରକାଶ କରିଛନ୍ତି ।

ନେମାଳରେ ଅଘଟଣ :ହାଇଡ୍ରା ଓଲଟି ୨ ଗୁରୁତର

ସାଲେପୁର,୧୨/୧୧(ନି/ପ୍ର): ନିଷ୍ଠିକୋରଇ ବ୍ଲକ ଅଧିନ ନେମାଳ ଅତ୍ୟୁତ୍ତାନ୍ତ ପାଠର ଉନ୍ନତିକରଣ କାର୍ଯ୍ୟ ଚାଲିଥିଲା ବେଳେ ହଠାତ୍ ଏକ ଅଘଟଣ ଘଟିଛି । ଏହିପାଠରେ ନୂତନ ଭାବେ ଗୋପୀନାଥଜୀଉଙ୍କର ୫୦ ଫୁଟ୍ ଉଚ୍ଚ ବିଶିଷ୍ଟ ମନ୍ଦିର ନିର୍ମାଣ ସମୟରେ ଉପରକୁ ପଥର ଉଠାଉଥିବା ହାଇଡ୍ରା ମେସିନଟି ଭାରସାମ୍ୟ ହରାଇବାରୁ ଓଲଟି ପଡିଥିଲା । ପଜରେ ଏଥିରେ ଉଠୁଥିବା ପଥରଖଣ୍ଡ ଛିଟିକି ପଡି ଜଣେ ମହିଳାଙ୍କ ଗୋଡରେ ପଡିବାରୁ ସେ ଗୁରୁତର ହୋଇଥିବା ବେଳେ ଅନ୍ୟ ଏକ ଖଣ୍ଡ ପଥର ପାଖରେ ଥିବା ଆଜବେଷ୍ଟସ ଘରେ ଉପରେ ପଡିବାରୁ ଏହା ଭିତରେ ପୂଜା କରୁଥିବା ଜଣେ ପୂଜକ ମଧ୍ୟ ଆହତ ହୋଇଥିବା ଜଣାଯାଇଛି । ଗୁରୁତର ମହିଳା ପୁଷ୍ପଲତା ଗୋସ୍ୱାମୀ ଓ ପୂଜକ ଶିବପ୍ରସାଦ ପଣ୍ଡାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ପ୍ରଥମେ ଚିକିତ୍ସାନିମନ୍ତେ ନିଷ୍ଠିକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ତେବେ ପ୍ରାଥମିକ ଚିକିତ୍ସାନିମନ୍ତେ ଜଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଗତ ସରକାରଙ୍କ କାଳରେ ନେମାଳ ଅତ୍ୟୁତ୍ତାନ୍ତ ପାଠର ଉନ୍ନତିକରଣକରାଯାଇ ୨୩ଟିଚାଟେରୁ ଉର୍ଦ୍ଧ୍ୱ ଟଙ୍କା ଯୋଗାର ଦିଆଯାଇଥିବା ଓଡିସିସି ଘରୋଇ ଠିକାସଂସ୍ଥା ଦେଷ୍ଟର ମାଧ୍ୟମରେ ଏହି କାର୍ଯ୍ୟ ଦିଆଯାଇଥିଲା । ଏହି ଠିକାସଂସ୍ଥାଠାରୁ ଗ୍ରୀନ୍ ଗ୍ରୋ ଠିକାସଂସ୍ଥା ନେଇ ବର୍ତ୍ତମାନ ଏହି କାର୍ଯ୍ୟ କରୁଛି । ଏହି ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ସମୟରେ ସେଥିଁ ଶ୍ରମିକମାନେ ଏଥିରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସୁରକ୍ଷାଦେବା ପାଇଁ କୌଣସି କିଟ୍ ବ୍ୟବହାର କରାଯାଇଥିବା ବେଳେ ଅନେକ ସମୟରେ ବିଜୁଳି ସଞ୍ଚରାଘାତରୁ ଲେବର ମାନେ ଚଳାଉଥିବା ନେଇ ଅଭିଯୋଗ ହେଉଛି । ମଙ୍ଗଳବାର ସକାଳେ ମନ୍ଦିର ନିର୍ମାଣ ପାଇଁ ହାଇଡ୍ରାମେସିନରେ ପଥର ଉଠୁଥିବା କାର୍ଯ୍ୟକୁ ଜଣେ ହେଲପର କରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବା ଦେଖାଯାଇଛି । ଅଭ୍ୟୁତ୍ଥାନ୍ତ ପାଠ ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଏହାର ଉନ୍ନତିକରଣ କାର୍ଯ୍ୟ ସମୟରେ ଏଠାକୁ ଭକ୍ତମାନେ ବର୍ଜନ ପାଇଁ ଆସୁଛନ୍ତି । କାର୍ଯ୍ୟ ଚାଲିଥିବା ବେଳେ ଠିକାସଂସ୍ଥା ପକ୍ଷରୁ ଉଦ୍ଧମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନଥିବା ଜଣାଯାଇଛି । ଉକ୍ତ ଘଟଣା ଜଣାହିବା ପରେ ନେମାଳ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାସ୍ଥଳରୁ ହାଇଡ୍ରାମେସିନଟିକୁ ଜବତ କରି ପୋଲିସ ଥାନାରେ ଅଟକ ରଖିଛି । ଅପରପକ୍ଷରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଲୋକଙ୍କୁ ଜିଲ୍ଲା ସହାୟତା ଯୋଗାର ବିଆଯିବ ସେନେଇ ଏ ଅଂଚଳବାସିନ୍ଦାବାଦି ଦାବି କରିଛନ୍ତି ।

ସମ୍ବଲପୁର ଜିଲ୍ଲାରେ ୟୁନିସେଫ୍ ପ୍ରତିନିଧି ଦଳଙ୍କ ଗସ୍ତ



ସମ୍ବଲପୁର,୧୨/୧୧(ନି/ପ୍ର): ଥିଲେ।ଗସ୍ତ ଅବସରରେ ପ୍ରତିନିଧି ଜିଲ୍ଲାରେ ଜଳ, ପରିମଳ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିବା ପାଇଁ ୟୁନିସେଫ୍‌ର ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ସମ୍ବଲପୁର ଜିଲ୍ଲା ଗସ୍ତ କରିଛନ୍ତି । ପ୍ରତିନିଧି ଦଳରେ ପ୍ରଶାନ୍ତ ବାଶ, ଶିପ୍ରା ସକ୍ସେନା, ଯୋଗେନ୍ଦ୍ର କୁମାର ଓ ଜ୍ୟୋତିର୍ମୟ ପ୍ରମୁଖ ସାମିଲ ଥିଲେ । ଏହି ଗସ୍ତ ଅବସରରେ ପ୍ରତିନିଧି ଦଳ ବିଭିନ୍ନ ଗ୍ରାମାଂଚଳ ପରିବର୍ଦ୍ଧନ କରି ଜନସାଧାରଣ, ଗୋଷ୍ଠୀ ସଦସ୍ୟ, କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥାର ଉନ୍ନତି ଓ ସ୍ୱଚ୍ଛତା ଅଭ୍ୟାସର ପ୍ରସାର ସମ୍ପର୍କରେ ଲୋକଙ୍କ ମତାମତ ଓ ଅନୁଭୂତି ଏଙ୍କୁଡ଼ା କରାଯାଇଥିଲା । ଏହି ଗସ୍ତ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିସିଏ-ଖ୍ରାଶ୍ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଏବଂ ଜିଲ୍ଲା ପରିଷଦର ଜିଲ୍ଲା ପରିମଳ ବିଶେଷଜ୍ଞ ଉପସ୍ଥିତ ରହି କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିଥିଲେ । ଏହି ଗସ୍ତ ମାଧ୍ୟମରେ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ ଓ ଲୋକାଭିମୁଖୀ କରିବା ଦିଗରେ ଆଲୋଚନା ହୋଇଥିଲା ।

ମାଲକାନଗିରିରେ ମାନବ ଚାଲାଣ ନିରୋଧ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ମାଲକାନଗିରି,୧୨/୧୧(ନି/ପ୍ର):ମାନବ ଚାଲାଣ ଭଳି ଏକ ଗୁରୁତର ସାମାଜିକ ଅପରାଧର ନିରାକରଣ, ପୀଡ଼ିତାଙ୍କ ଉଦ୍ଧାର, ସୁରକ୍ଷା ଓ ପୁନର୍ବାସ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଜି ବିନିବିଥା ଜିଲ୍ଲାସ୍ତରୀୟ ମାନବ ଚାଲାଣ ନିରୋଧ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ପରିଷଦ ସଭାଳନୀ କକ୍ଷଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ପୋଲିସ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶ୍ରମ ବିଭାଗ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ଅଂଶୀଦାର ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମାନବ ଚାଲାଣର ମୁଖ୍ୟ କାରଣ, ପ୍ରକାରଭେଦ, ଶିଶୁ ଓ ମହିଳା ଚାଲାଣ ରୋକିବାର ଉପାୟ ଏବଂ ସମ୍ବନ୍ଧିତ ଘଟଣାର ତ୍ୱିତ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ବ୍ୟତୀତ ତ୍ୱରିତ ଉଦ୍ଧାର କାର୍ଯ୍ୟ, ଆଇନଗତ ବ୍ୟବସ୍ଥା ଏବଂ ପୀଡ଼ିତାଙ୍କ ଥରଥାନ ଓ ପୁନର୍ବାସ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଶେଷଜ୍ଞଙ୍କ ଆବିଦାସୀ ଅଧୁଷ୍ଠିତ ମାଲକାନଗିରି ଜିଲ୍ଲାରେ ଦାବନ ଶ୍ରମିକ ଚାଲାଣ, ଶିଶୁ ଓଥା ମହିଳା ଚାଲାଣ ଭଳି ଘଟଣାକୁ ରୋକିବା ପାଇଁ ବୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମାନବ ଚାଲାଣ ଏକ ବଂଶାନୁକ୍ରମ ଅପରାଧ ହୋଇଥିବାରୁ ଏହାର ସମୂଳ ନିରାକରଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉନ୍ନତ ସମନ୍ୱୟ ଏବଂ ସକ୍ରିୟ ଘଟଣା ନଜରକୁ ଆସିଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଲକ୍ଷ୍ୟରେ ପ୍ରଶାସନ, ପୋଲିସ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ଏହି କାର୍ଯ୍ୟକ୍ରମର ସଂଯୋଜକ ଦାୟିତ୍ୱ ସୁଚାରୁରୂପେ ତୁଲାରୁପେ ତୁଲାଇଥିଲେ ।

ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ପୂର୍ବରୁ
ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ



ନବରଙ୍ଗପୁର,୧୨/୧୧(ନି/ପ୍ର):ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ଜନନାୟକ ତଥା ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଆଜି ନବରଙ୍ଗପୁରସ୍ଥିତ କେ.ଜି.ଏଲ୍.ସି. ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ ଲିଖନ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଶହୀଦ ଲକ୍ଷ୍ମଣ ନାୟକଙ୍କ ଅତ୍ୟମ୍ୟ ଦେଶପ୍ରେମ, ସାହସିକତା, ଆତ୍ମତ୍ୟାଗ ଓ ମାତୃଭୂମିର ସ୍ୱାଧୀନତା ପାଇଁ ତାଙ୍କର ଅବିସ୍ମରଣୀୟ ସଂଘର୍ଷମୟ ଜୀବନଗାଥାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିସହିତ ନୂତନ ପିଢ଼ିଙ୍କ ମଧ୍ୟରେ ଜାତୀୟଚେତାବୋଧ, ଦେଶପ୍ରେମ, ସାମାଜିକ ଚେତନା ଓ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନବୋଧ ଜାଗ୍ରତ କରିବା ଦିଗରେ ଏହି ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଥିଲା । ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱତଃସ୍ଫୂର୍ତ୍ତ ଓ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ସେମାନେ ନିଜର ଲେଖନୀ ବକ୍ଷତା, ଐତିହାସିକ ଜ୍ଞାନ ଓ ଚିନ୍ତନଶୀଳତାର ପରିଚୟ ଦେଇଥିବାବେଳେ ବିତର୍କ ପ୍ରତିଯୋଗିତାରେ ଯୁକ୍ତି, ତଥ୍ୟ ଉପସ୍ଥାପନ ଓ ଅଭିବ୍ୟକ୍ତି କୌଶଳ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏଭଳି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳ ଚିନ୍ତନ, ଆତ୍ମବିଶ୍ୱାସ, ଯୁକ୍ତିପୂର୍ଣ୍ଣ ମତ ଉପସ୍ଥାପନ ଓ ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି । ପୂଚନାଯୋଗ୍ୟ ଯେ, ଆସନ୍ତା ୨୨ ନଭେମ୍ବର ୨୦୨୬ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଜିଲ୍ଲାସ୍ତରରେ ପାଳନ କରାଯିବ। ଏହି ଅବସରରେ ଆଜି ଅନୁଷ୍ଠିତ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମାରୋହର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯିବ । ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନ, ଆଦର୍ଶ ଓ ଆତ୍ମବଳିଦାନ ଆଜି ମଧ୍ୟ ଦେଶର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଅକ୍ଷୟ ଉତ୍ସ । ତାଙ୍କର ଅମର ସ୍ମୃତିକୁ ଜୀବନ୍ତ ରଖିବା ସହ ତାଙ୍କ ଆଦର୍ଶକୁ ନୂତନ ପିଢ଼ି ମଧ୍ୟରେ ପ୍ରସାର କରିବା ଏହି ଜୟନ୍ତୀ ପାଳନର ମୂଳ ଲକ୍ଷ୍ୟ ।

ସମ୍ବଲପୁରରେ 'ଲୋକତନ୍ତ୍ର ବଚାଂଓ – ଅରାଜକତା ହଟାଓ' ପଦଯାତ୍ରା, କଂଗ୍ରେସକୁ ଧର୍ମେନ୍ଦ୍ରଙ୍କ କଡ଼ା ସମାଲୋଚନା



ସମ୍ବଲପୁର,୧୨/୧୧(ନି/ପ୍ର): ସମ୍ବଲପୁର ଜିଲ୍ଲା ବିଜେପି ପକ୍ଷରୁ 'ଲୋକତନ୍ତ୍ର ବଚାଂଓ – ଅରାଜକତା ହଟାଓ' ଶୀର୍ଷକରେ ଏକ ପଦଯାତ୍ରା ଓ ଜନସଭା ଆୟୋଜିତ ହୋଇଯାଇଛି । ଏଥିରେ ଯୋଗଦେବ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଂଗ୍ରେସ ଓ ଉଛି ମେଚଂକୁ କଡ଼ା ସମାଲୋଚନା କରିବା ସହ ଗଣତନ୍ତ୍ରର ସୁରକ୍ଷା ଏବଂ ଅରାଜକତା ବିରୋଧରେ ଜନଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି । ପଦଯାତ୍ରାରେ ବଳାୟ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ମହିଳା ଓ ଯୁବବର୍ଗଙ୍କ ସହ ବହୁ ସଂଖ୍ୟାରେ



ଓଡିଶା ଡିଜିପି ବିନୟତୋଷ ମିଶ୍ରଙ୍କ ରାଉରକେଲା ଗସ୍ତ :

୩ଟି ପୋଲିସ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ଏବଂ ଭିତିଭୂମିର ସମୀକ୍ଷା



ରାଉରକେଲା,୧୨/୧୧(ନି/ପ):ଓଡିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ବିନୟତୋଷ ମିଶ୍ର ମଙ୍ଗଳବାର ଦିନ ଏକ ଦିନିଆ ସରକାରୀ ଗସ୍ତରେ ଆସି ରାଉରକେଲାରେ ପହଁଚି ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ (ଡିଆଇଜି)ଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।ଏହି ସମୀକ୍ଷା ବୈଠକରେ ପଶ୍ଚିମାଂଚଳ ରେଞ୍ଜ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟଙ୍କ ସମେତ ରାଉରକେଲା ଆରକ୍ଷୀ ଅଧିକ୍ଷକ (ଏସପି) ନିତେଶ ଝାଝଡ଼ିୟା, ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମୃତ ପାଲ କୌର ଏବଂ ଝେଙ୍ଟରର ଆରକ୍ଷୀ ଅଧିକ୍ଷକ ନୀତିନ କୁମାରଙ୍କର ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ରାଉରକେଲା, ସୁନ୍ଦରଗଡ ଏବଂ ଝେଙ୍ଟରର ପୋଲିସ ଜିଲ୍ଲାରେ ଅପରାଧ ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଭିତିଭୂମିର ବିକାଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ତିନୋଟି ଜିଲ୍ଲାର ପ୍ରଚଳିତ ସୁରକ୍ଷା ପରିସ୍ଥିତି ଏବଂ ପୋଲିସ ପ୍ରଶାସନର କାର୍ଯ୍ୟକାରିତା ମୂଲ୍ୟାଙ୍କନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ତିନୋଟି ଜିଲ୍ଲାର ପ୍ରଚଳିତ ସୁରକ୍ଷା ପରିସ୍ଥିତି ଏବଂ ପୋଲିସ ପ୍ରଶାସନର କାର୍ଯ୍ୟକାରିତା ମୂଲ୍ୟାଙ୍କନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ତିନୋଟି ଜିଲ୍ଲାର ଦକ୍ଷତା ଏବଂ ଅଭିଜ୍ଞତା ଏବଂ ଜିଲ୍ଲାପାଳ ଏବଂ ଜିଲ୍ଲା ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଦକ୍ଷତା ଏବଂ ଅଭିଜ୍ଞତା ଏବଂ ଜିଲ୍ଲାପାଳ (ଏଡିଏମ୍) ବିନାଃ ଦତ୍ତଶିରଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନପଣ୍ଟିମାଂଚଳ ରେଞ୍ଜ ଆରକ୍ଷୀ ଉପ-ମହାନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଓଡିଶା ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ତିନୋଟି ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ଏବଂ ଭିତିଭୂମି (ଓଭଲଢ଼ଭଡଂଷ୍ଟ୍ରକ୍ଚରମ୍ଭଲଢ଼ଭର)ର ବିକାଶକୁ ନେଇ ଆଲୋଚନା କରାଯାଇଛି। ରାଉରକେଲାରେ ଆଇନଶୃଙ୍ଖଳା ଭଲ ଅଛି, ଯେଉଁ ପେଟ୍ରୋଲିଂ ବ୍ୟବସ୍ଥା କରାଯାଇଛି, ତାକୁ ଆଉଟିଡିଏ ଉନ୍ନତ କରାଯିବ। ଭିତିଭୂମିର ବିକାଶକୁ ନେଇ ତିନୋଟି ଜିଲ୍ଲାରେ ନୂଆ ବିଲଡିଂର ଆବଶ୍ୟକତା ରହିଛି। ରାଉରକେଲାର ବିଭିନ୍ନ ଥାନାରେ ପୋଲିସ ଷ୍ଟାଫଙ୍କ ସଂଖ୍ୟା ବୃଦ୍ଧି ସହିତ ନୂଆ ବିଲଡିଂର ମଧ୍ୟ ଆବଶ୍ୟକତା ରହିଛି। ତେଣୁ ପଞ୍ଚସାରଣ ଯୋଜନା ଅନୁସାରେ ସେଗୁଡିକର ସମ୍ପ୍ରସାରଣ କରାଯିବ। ପୋଲିସ କର୍ମଚାରୀଙ୍କ ନିଯୁକ୍ତିକୁ ନେଇ ମହାନିର୍ଦ୍ଦେଶକ କହିଥିଲେ ଯେ ଓଡିଶାରେ ୬,୨୦୦ ପୋଲିସ୍ କର୍ମଚାରୀଙ୍କ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ସେହି ପୋଲିସ୍ କର୍ମଚାରୀଙ୍କ ନିଯୁକ୍ତି ହୋଇଗଲେ ଜିଞ୍ଚିତା ସମାଧାନ ହୋଇପାରିବ ବୋଲି ଓଡିଶା ପୋଲିସ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଆଶାବ୍ୟକ୍ତ କରିଥିଲେ। ଏଥିସହିତ ସବ୍‌ଇନିସପେକ୍ଟର ନିଯୁକ୍ତି ପରୀକ୍ଷା ବାତିଲ ହୋଇଥିଲା, ବର୍ତମାନ ସବ୍‌ଇନିସପେକ୍ଟର ପରୀକ୍ଷା ଆଉଥରେ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହିସବୁ ନିଯୁକ୍ତି ହୋଇଗଲେ ପୋଲିସ୍ ଷ୍ଟାଫଙ୍କ ସଂଖ୍ୟା ୮ ହଜାରେ ପହଁଚିବ ବୋଲି ପୋଲିସ୍ ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ। ଏଫଠିଚ ଅପରାଧ (ଜକ୍ସଖଡଭସଞ୍ଚରୟ ଜକ୍ସଘଞ୍ଜର)କୁ ନେଇ ପ୍ରତିକ୍ରିୟାରେ ଏସ୍.ପି.ଜି ଅଧିକ୍ଷତାରେ ଗୋଟିଏ ଗୋଟିଏ ଟିମ୍ ରହିଛି, ସେମାନେ ଏଠାରେ ଅପରାଧୀ ଅପରାଧ କରି ଅନ୍ୟ ପ୍ରଦେଶକୁ ଚାଲିଯାଇଥିଲେ ମଧ୍ୟ, ପୋଲିସ୍ ପକ୍ଷରୁ ସେମାନଙ୍କୁ ସେଠାରୁ ଧରି ଅଣାଯାଇଛି। ସାଇବର ଜ୍ରାଇମକୁ ନେଇ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଥିଲେ ଯେ, ସାଇବର ଜ୍ରାଇମର ଫଂଖ୍ୟା କମ୍ କରିବା ପାଇଁ ପୋଲିସ ପକ୍ଷରୁ ଡାଟାବେସ୍ ଅନୁସାରେ ଅପରାଧୀଙ୍କ ପ୍ରାୟ ୧୦ ହଜାର ସିମ୍ କାର୍ଡ ସହ ଆଇଏମ୍‌ଆଇ ନମ୍ବର ଅକାମୀ କରାଯାଇଛି। ଏଥିସହିତ ଆଗକୁ ସାଇବର ଜ୍ରାଇମକୁ ନେଇ ଆହୁରି ତିନି ହଜାର ସିମ୍ କାର୍ଡ ଓ ପାଂଚ ହଜାର ଆଇଏମ୍‌ଇଆଇ ନମ୍ବର ମଧ୍ୟ ଅକାମୀ କରାଯିବାର ପ୍ରସ୍ତାବ ରହିଛି ବୋଲି ଓଡିଶା ପୋଲିସ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସୂଚନା ଦେଇଥିଲେ।

ସୌମ୍ୟ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଉପରାଷ୍ଟ୍ରପତିଙ୍କୁ ଭେଟିଲେ, ଜାପାନ ୨୦୨୬ ପାରା ପାୱାରଲିଫ୍ଟିଂର ପଦକ ବିଜେତା



ରାଉରକେଲା,୧୨/୧୧(ନି/ପ): ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ୨୦୨୬ ଏସିଆନ୍ ପାରା ଗେମ୍ସରେ ଭାରତ ପାଇଁ ଗୌରବ ଆଣିଥିବା ପାରା ପାୱାରଲିଫ୍ଟିଂର ଦୁଇ ରୌପ୍ୟ ପଦକ ବିଜେତା ଅଶୋକ କୁମାର ମଲିକ ଏବଂ କସ୍ତୁରୀ ରାଜମଣି ଉପରାଷ୍ଟ୍ରପତି ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ସାକ୍ଷାତ୍ କରିଥିଲେ। ଇଣ୍ଡିଆ ପାରା ପାୱାରଲିଫ୍ଟିଂର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିନିଧିମଣ୍ଡଳୀରେ ହେଡ୍ କୋଚ୍ ଡା. କେ.ପି. ସିଂହ ଏବଂ ପଦକ ବିଜେତା ଖେଳାଳିମାନେ ସାମିଲ ହୋଇଥିଲେ। ଉଲ୍ଲେଖନୀୟ ଯେ, ଅଶୋକ କୁମାର ମଲ୍ଲିକ ପୁରୁଷ ୬୫ କିଲୋଗ୍ରାମ ବର୍ଗରେ ୧୯୨ କିଲୋଗ୍ରାମ ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିବା ବେଳେ କସ୍ତୁରୀ ରାଜମଣି ମହିଳା ୬୭ କିଲୋଗ୍ରାମ ବର୍ଗରେ ୧୦୮ କିଲୋଗ୍ରାମ ଭାର ଉଠାଇ ରୌପ୍ୟ ପଦକ ଜିତିଛନ୍ତି। କସ୍ତୁରୀଙ୍କ ଏହି ସଫଳତା ଏସିଆନ୍‌ପାରା ଗେମ୍ସରେ ମହିଳା ବର୍ଗରେ ଭାରତର ପ୍ରଥମ ପଦକ ହୋଇଥିବାରୁ ଏହା ଏକ ଐତିହାସିକ ଉପଲବ୍ଧି। ଏହି ସାକ୍ଷାତ୍‌କାର ଅବସରରେ ସୌମ୍ୟ ରଞ୍ଜନ ପ୍ରଧାନ ଓଡ଼ିଶାରୁ ସାତଜଣ ଖେଳାଳି ଜରି ସେମାନଙ୍କ ସଂଘର୍ଷ, ସଫଳତା ଓ ଦେଶ ପାଇଁ ଥିବା ସମର୍ପଣ ଭାବନାକୁ ପ୍ରଶଂସା କରିଥିଲେ। ତାଙ୍କର ଉତ୍ସାହବର୍ଦ୍ଧକ ବାର୍ତା ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ସହ ଭବିଷ୍ୟତରେ ଦେଶ ପାଇଁ ଅଧିକ ପଦକ ଜିତିବାକୁ ପ୍ରେରଣା ଯୋଗାଇଛି। ଏହି ସାକ୍ଷାତ୍‌କାର ଭାରତୀୟ ପାରା କ୍ରୀଡ଼ା ଜଗତ ପାଇଁ ଏକ ସୁବର୍ଣ୍ଣୀୟ ମୁହୂର୍ତ ହୋଇ ରହିବ।

ନିଲୋକରେ କ୍ଷେତ ବଚାଂଅ ଅଭିଯାନ

ଭତ୍ତର,୧୨/୧୧: ଉକ୍ତ ବ୍ଲକ ନିଲୋକ ପଂଚାୟତ କାର୍ଯ୍ୟାଳୟ ସଭା ଗୃହରେ କୃଷି ବିଭାଗ ପକ୍ଷରୁ କ୍ଷେତ ବଚାଂଅ ଅଭିଯାନ୍ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଛି । ଗ୍ରାମ୍ୟ କୃଷି କର୍ମଚାରୀ ଦିପ୍ତୀ ରଞ୍ଜନ ନାୟକଙ୍କ ପରିଚାଳନାରେ ସରପଟ ପ୍ରତିନିଧି ରବିନ୍ଦ୍ର କୁମାର ସେଠୀ, କୃଷକସାଥୀ ଅବନୀ ଖୁଣ୍ଟିଆ, ପଂଚାୟତ ବାସ ପ୍ରମୁଖ ଯୋଗ ଦେଇଥିଲେ । ଚାଷ ପୂର୍ବରୁ ମାଟି ପରୀକ୍ଷା କରିବା, ଆବଶ୍ୟକୀୟ ଅନୁଯାୟୀ ସାର ପ୍ରୟୋଗ କରିବା ଏବଂ ରାସାୟନିକ ସାରର ସନ୍ତୁଳିତ ବ୍ୟବହାର ସମ୍ପର୍କରେ ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା ।

ବ୍ରାହ୍ମଣ କଲ୍ୟାଣ ସଭାର ଦୀପାବଳି ମିଳନ ସମାରୋହ

ରାଉରକେଲା,୧୨/୧୧(ନି/ପ):ସାମାଜିକ ସଂଗଠନ 'ବ୍ରାହ୍ମଣ କଲ୍ୟାଣ ସଭା'ର ଦୀପାବଳି ସ୍ନେହ ମିଳନ ସମାରୋହ ୨୦୨୬ ହନୁମାନ ବାଟିକା ପରିସରସ୍ଥିତ ଭରବାନ ପର୍ଶୁରାମ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିଲା । ଏହି ଅବସରରେ ବ୍ରାହ୍ମଣ କଲ୍ୟାଣ ସଭାର ସଭାପତି ପ୍ରଦ୍ୟୁମ୍ନ ଶର୍ମା, ଉପସଭାପତି ପ୍ରମୋଦ ଶର୍ମା, ସମ୍ପାଦକ ସଞ୍ଜୟ ବିଷୋୟାଲ, କୋଷାଧ୍ୟକ୍ଷ କୌଶଳ ଶର୍ମା, ମନ୍ଦିରର ସଂଯୋଜକ ସୁମିତ ଶର୍ମା, ପୂର୍ବତନ ସଭାପତି ମନୋହର ଲାଲ ମହର୍ଷି, ରାମଅବତାର ଶର୍ମା, ଶ୍ରବଣ ପାରିକ,



ବିନୟ ଶର୍ମା, ବିଲାପ ଶର୍ମା, ବରିଷ୍ଠ ସଦସ୍ୟ ସୁଭାଷ ଯୋଶୀ, ଶଶିକାନ୍ତ ଯୋଶୀ, ଶିବ ଶଙ୍କର ଶର୍ମା, ରାଜେଶ ଶର୍ମା, ଜୟପ୍ରକାଶ ଶର୍ମା, ବିପ୍ର ଫାଉଣ୍ଡେସନ ରାଉରକେଲା ଶାଖାର ସଭାପତି ମୁକେଶ ମହର୍ଷି, କୋଷାଧ୍ୟକ୍ଷ ମହେଶ ଶର୍ମା, ରାଜସ୍ଥାନ ପରିଷଦର କୋଷାଧ୍ୟକ୍ଷ ନଟବର ବଡୋଡ଼ିଆ, ନଗେଶ ଖେତାନଙ୍କ ସମେତ ବ୍ରାହ୍ମଣ କଲ୍ୟାଣ ସଭାର କମିଟି ସଦସ୍ୟ ଗଲ୍ଟୁ ଶର୍ମା, ପ୍ରୀତମ ଶର୍ମା, ପଙ୍କଜ କୌଶିକ ଏବଂ ଅନ୍ୟାନ୍ୟ ସଦସ୍ୟଗଣ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ଦିର ସମ୍ପୃକ୍ତରେ ସଭାପତି, ପୂର୍ବତନ ସଭାପତି ଏବଂ ଅତିଥିମାନଙ୍କ ଦ୍ୱାରା ଗୋତିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସମସ୍ତେ ପରସ୍ପରକୁ ଦୀପାବଳିର ଅଭିନନ୍ଦନ ଓ ଶୁଭକାମନା ଜଣାଇଥିଲେ ।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରମୁଖ ବୈଷୟିକ ତଥା ଉଦ୍ଭାବନ କାର୍ଯ୍ୟକ୍ରମ ବିପିୟୁଟି ହ୍ୟାକାଥନ୍-୨୦୨୬ ଗ୍ରାଣ୍ଡ ଫିନାଲେ



ରାଉରକେଲା,୧୨/୧୧(ନି/ପ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରମୁଖ ବୈଷୟିକ ତଥା ଉଦ୍ଭାବନ କାର୍ଯ୍ୟକ୍ରମ 'ବିପିୟୁଟି ହ୍ୟାକାଥନ-୨୦୨୬' ନଭେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଛେଣ୍ଡୁପ୍ତି କ୍ୟାମ୍ପସରେ ଅନୁଷ୍ଠିତ ହେବ । ଏହି ୩୬ ଘଣ୍ଟିଆ ନିରବଚ୍ଛିନ୍ନ ହ୍ୟାକାଥନ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ଉଦ୍ଭାବକମାନେ ଏକତ୍ରିତ ହୋଇ ବାସ୍ତବିକ ସମସ୍ୟାଗୁଡ଼ିକର ବ୍ୟବହାରିକ ସମାଧାନ ବାହାର କରିବେ । ଏହି ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍ଘାଟନ ଉତ୍ସବ ନଭେମ୍ବର ୧୨ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ବିପିୟୁଟି କ୍ୟାମ୍ପସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଗୃହରେ ଅନୁଷ୍ଠିତ ହେବ । ଗ୍ରାଣ୍ଡ ଫିନାଲେ ଉପଲକ୍ଷେ ଆଜି ଅପରାହ୍ନ ୪ଟା ସମୟରେ ବିଶ୍ୱବିଦ୍ୟାଳୟ ବୋର୍ଡ ରୁମ୍ ?ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥଙ୍କ ସମେତ ବିପିୟୁଟି ହ୍ୟାକାଥନ୍ ୨୦୨୬ର ସଂଯୋଜକ ଡକ୍ଟର ଡି. ଚନ୍ଦ୍ରଶେଖର ରାଓ ଗଣମାଧ୍ୟମକୁ ସମ୍ବୋଧିତ କରି ଡକ୍ଟର ରାଓ ସୂଚନା ଦେଇଥିଲେ ଯେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଦୃଷ୍ଟିରୁ ଏହି ତୃତୀୟ ସଂସ୍କରଣ ସର୍ବବୃହତ ହ୍ୟାକାଥନ୍‌ରେ ପରିଣତ ହୋଇଛି । ଏଥିରେ ବିଶ୍ୱବିଦ୍ୟାଳୟ ନିରବଚ୍ଛିନ୍ନ ଆନ୍ତଃ ବିଶ୍ୱବିଦ୍ୟାଳୟ ଉଦ୍ଭାବନ ପ୍ରତିଯୋଗିତାକୁ ସଂଯୋଜନା କରିଛି । ବିଶ୍ୱବିଦ୍ୟାଳୟର ୭ଟି ଅନୁବନ୍ଧିତ ତଥା ସଂଲଗ୍ନ ଜଲଜକୁ ୩୩,୮୫୨ ଜଣ ପ୍ରତିଯୋଗୀଙ୍କୁ ନେଇ ମୋଟ ୭୧୮ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହାକି ପୂର୍ବ ସଂସ୍କରଣ ତୁଳନାରେ ୪୦ ପ୍ରତିଶତ ଅଧିକ । ୨୦୨୬ ଅକ୍ଟୋବର ୧୦ରୁ ୧୩ ତାରିଖ ମଧ୍ୟରେ ୧୧ଟି ସହଯୋଗୀ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ବହୁଞ୍ଚରୀୟ ଯାଚଁ ଏବଂ ଆଟଚ୍ଭିଳ ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ୫୦ଟି ଦଳ ଏହି ପ୍ରତ୍ୟକ୍ଷ ଗ୍ରାଣ୍ଡ ଫିନାଲେ ପାଇଁ ମନୋନୀତ ହୋଇଛନ୍ତି। ସେ ଆହୁରିମଧ୍ୟ ସୂଚନା ଦେଇଥିଲେ ଯେ, ଶିଳ୍ପ ବିଶେଷଜ୍ଞ, ବିଚାରକ ମଣ୍ଡଳୀ ଏବଂ ଅଧ୍ୟାପକମାନେ ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ ତଥା ମୂଲ୍ୟାଙ୍କନ କରିବେ। ରାଉରକେଲା ଏବଂ ଏହାର ଆଖପାଖ ଅଞ୍ଚଳର ୧,୦୦୦ରୁ ଊର୍ଦ୍ଧ୍ୱ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମ ଦେଖିବାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ଭାବନ, ଦଳଗତ କାର୍ଯ୍ୟ ଏବଂ ବ୍ୟବହାରିକ ସମସ୍ୟା ସମାଧାନ ଶ୍ରେଣୀର ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବା ଏହି ଅବସରରେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଗୁରୁତ୍ୱାରୋପ କରି କହିଥିଲେ ଯେ, ଏହି ହ୍ୟାକାଥନ୍ ଜେଜବ ଏକ ପ୍ରତିଯୋଗିତା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ସଂଜ୍ଞାର, ବ୍ୟବହାରିକ ଶିକ୍ଷା, ଉଦ୍ଭାବନ ତଥା ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ବ୍ୟାପକ ଦୂରଦୃଷ୍ଟିର ଗୁରୁତ୍ୱପୂର୍ଣ ଅଂଶ । ପ୍ରଫେସର ରଥ ବିଦ୍ୟାର୍ଥୀମାନଙ୍କୁ ପାରମ୍ପାରିକ ଶ୍ରେଣୀଗୃହ ଶିକ୍ଷାରୁ ବାହାରି ନିଜ ଜ୍ଞାନକୁ ବାସ୍ତବ ଦୁନିଆର ସମସ୍ୟା ସମାଧାନରେ ପ୍ରଯୋଗ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁନିଆଯାଇଥିବା ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କୁଳପତି ଶିକ୍ଷା ପ୍ରଶାସନ କ୍ଷେତ୍ରରେ ବିପିୟୁଟିର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପରୀକ୍ଷା ଶେଷ ହେବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ଲଗାତର ଦୁଇଟି ସେମିଷ୍ଟାର୍ ପରୀକ୍ଷା ଫଳ ପ୍ରକାଶ କରି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍' ଏବଂ 'ଏସିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇ ଗୌରବ ଅର୍ଜନ କରିଛି। ବିପିୟୁଟି ସମାବର୍ତନ ଉତ୍ସବ ଦିନ ହିଁ ଜେଜବ ଅଧ୍ୟକ୍ଷମାନଙ୍କୁ ବିଧାୟକଦ୍ୱୟ ଡିଗ୍ରୀ ସାର୍ଟିଫିକେଟ୍ ହସ୍ତାନ୍ତର କରାଯାଇ ଡିଗ୍ରୀ ବଣ୍ଟନ ପ୍ରକ୍ରିୟାକୁ ସରଳୀକୃତ କରାଯାଇଛି। ଫଳରେ ଜେଜବଭୁକ୍ତିର ନିଜ ନିଜ 'ସ୍ନାତକ ବିବସ'ରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ଡିଗ୍ରୀ ପ୍ରଦାନ କରିପାରୁଛନ୍ତି। ପାଠ୍ୟକ୍ରମ ବାହାରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିପିୟୁଟି ତାର ପ୍ରମୁଖ ଅନ୍ତଃ-ବିଶ୍ୱବିଦ୍ୟାଳୟ ମହୋତ୍ସବ 'ବିପିୟୁଟି ଚେକ୍‌ଭାଣ୍ଡିଆଲ୍' ଆୟୋଜନ କରୁଛି, ଯେଉଁଥିରେ ଓଡ଼ିଶାର ୧୪୬ଟି ଅନୁବନ୍ଧିତ ତଥା ଫଲସ୍ୱ ଶିକ୍ଷାନୁଷ୍ଠାନ ୨୩ଟି ବୈଷୟିକ, ୨୦ଟି କ୍ରୀଡ଼ା ଏବଂ ୧୩ଟି ସାଂସ୍କୃତିକ ପ୍ରତିଯୋଗିତା ସମେତ ମୋଟ ୫୬ଟି ଇଭେଂଟରେ ଭାଗ ନେଉଛନ୍ତି। ସମାଜରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ବୈଷୟିକ ଶିକ୍ଷାର ପ୍ରସାର ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୈଷୟିକ ଶିକ୍ଷକମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ଫୁଟ୍‌ଇଣ୍ଟ୍ୟାମ୍, ବୃଣାମୂଳ ଉଦ୍ଭବରେ ଷେମ୍ (ଅଞ୍ଚଳୀୟ କର୍ମଶାଳା) ଏବଂ ସାମାଜିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରାଯାଉଛି।

୨୦୨୯ ବିଧାନସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ

ରାଉରକେଲା ଅବକାରୀ ଜିଲ୍ଲାରେ ଦେଶୀ ମଦଭାଟି ଓ ଦୋକାନ ଖୋଲିବା ନିଷ୍ପତ୍ତିର ପ୍ରତ୍ୟାହାର ଦାବିରେ ଜିଲ୍ଲା ବିଜେଡି ପକ୍ଷରୁ ବିକ୍ଷୋଭ



ରାଉରକେଲା ୧୨/୧୧: ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଘୋଷଣା ଯେ, ୨୦୨୯ ବିଧାନସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଆଜି ଦେଶୀ ମଦଭାଟି ଓ ଦୋକାନ ଖୋଲିବା ନିଷ୍ପତ୍ତିର ପ୍ରତ୍ୟାହାର ଦାବିରେ, ରାଉରକେଲା ମହାନଗର ନିଗମ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ ସମୟରେ, ସେ ସ୍ପଷ୍ଟ କରିଛନ୍ତି ଯେ ସେ ରାଜନୀତିରେ ସକ୍ରିୟ ରହିବେ କିନ୍ତୁ ପ୍ରତ୍ୟେକ ନିର୍ବାଚନୀ ପ୍ରତିଯୋଗିତାରୁ ଦୂରେଇ ରହିବେ। ସେ କହିଛନ୍ତି ଯେ ସେ ଯୁବ ନେତା ଏବଂ ମହିଳା ପ୍ରାର୍ଥୀଙ୍କୁ ପ୍ରୋତ୍ସାହିତ କରିବେ, ପରବା ପକ୍ଷରେ ସମର୍ଥନ ଜଣିବେ ଏବଂ ସେମାନଙ୍କ ବିଜୟ ସୁନିଶ୍ଚିତ କରିବେ। ଶ୍ରୀ ନାୟକ ମଧ୍ୟ ପ୍ରକାଶ କରିଛନ୍ତି ଯେ ୨୦୨୯ ନିର୍ବାଚନରେ ବିଜୁ ଜନତା ଦଳ (ବିଜେଡି) ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ସଂଖ୍ୟକ ବିଧାନସଭା ଆସନ ଜିତିବ। ରାଉରକେଲା ଅବକାରୀ ଜିଲ୍ଲାରେ ଦେଶୀ ମଦଭାଟି ଓ ଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତିର ପ୍ରତ୍ୟାହାର ଦାବିରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ରାଉରକେଲା ମହାନଗର ନିଗମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରା